# ଝୁଲୁଛି ବିଏମ୍‌ସି ଭେହିକିଲ୍ ଟେଣ୍ଡର ବିବାଦ

## ପୁନର୍ବାର ଟେଣ୍ଡର ପାସ୍ କଲେ କମିଶନର

■ଦୁର୍ନୀତି ଦ୍ୱନ୍ଦ୍ୱ ଦୂର ପାଇଁ ହେବ ଅନ୍ତରୀଣ ତଦନ୍ତ

■ଅଧିକାରୀଙ୍କୁ ଚ୍ୟାଲେଞ୍ଜ କଲେ କର୍ପୋରେଟର

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ବିବାଦରୁ ମୁକୁଳିପାରୁନି ବିଏମ୍‌ସି ଭେହିକିଲ୍ ବିଭାଗ ଟେଣ୍ଡର। ଯେବେଠାରୁ ଟେଣ୍ଡର ହୋଇଛି, ସେବେଠାରୁ କେତେଜଣ କର୍ପୋରେଟର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଏହି ଟେଣ୍ଡର ସମସ୍ତ ଅଫିସିଆଲ ପ୍ରୋସିଜିଓରରେ ହୋଇଥିବା ବିଭାଗୀୟ ଅଧିକାରୀ ଓ ବିଏମ୍‌ସି କମିଶନର ବାରମ୍ବାର କହୁଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ ହୋଇଥିବା ନେଇ ସମ୍ପୃକ୍ତ କର୍ପୋରେଟରମାନେ ଅଭିଯୋଗ କରିଆସୁଛନ୍ତି। ଏପରି ସ୍ଥିତିରେ ସୋମବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ପୁନର୍ବାର ଟେଣ୍ଡରକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତାର ସହ ଟେଣ୍ଡର ହୋଇଥିବାରୁ କମିଶନର ରାଜେଶ ପ୍ରଭାକର ପାଟିଲ ପୁନର୍ବାର ଟେଣ୍ଡରକୁ ପାସ୍ କରିଥିଲେ। ଏହାକୁ ନେଇ କେତେଜଣ କର୍ପୋରେଟର ପ୍ରଶ୍ନ କରିବା ସହ ଅଧିକାରୀଙ୍କ ସହିତ ସେମାନଙ୍କର ମତାନ୍ତର ହୋଇଥିବା ଦେଖିବାକୁ ମିଳିଥିଲା। ଟେଣ୍ଡରରେ ଦୁର୍ନୀତି ହୋଇଥିବା ନେଇ ଅକ୍ଟୋବର ୫ରେ ପ୍ରଥମେ ବିଏମ୍‌ସି ଭେହିକିଲ୍ ଆସୋସିଏଶନ ଅଭିଯୋଗ ଆଣିଥିଲା। ଏହାପରେ ବିଏମ୍‌ସିର ମାସିକିଆ ବୈଠକରେ ଏହାକୁ ନେଇ ଅଧିକାରୀ ଓ କର୍ପୋରେଟର ମୁହାଁମୁହିଁ ହେବା ପରେ ଟେଣ୍ଡର କମିଟି ବୈଠକରେ ନିଷ୍ପତ୍ତି ନିଆଯିବାକୁ ଛଡ଼ାଯାଇଥିଲା। ନଭେମ୍ବର ୪ରେ ବସିଥିବା ଟେଣ୍ଡର କମିଟି ବୈଠକରେ କମିଶନର ଏହି ଟେଣ୍ଡରକୁ ନିର୍ଦ୍ଦ୍ୱନ୍ଦ୍ୱରେ ପାସ୍ କରିଥିଲେ। ଏହାକୁ ନେଇ କେତେଜଣ କର୍ପୋରେଟର ପ୍ରଶ୍ନ ଉଠାଇବା ସହ ପୁନର୍ବାର ଏନେଇ ଆଲୋଚନା କରିବାକୁ ଦାବି କରିଥିଲେ। ଫଳରେ ସୋମବାର ବୈଠକ ବସିଥିଲା। ତେବେ ଏହି ବୈଠକରେ କମିଶନର ପୁନର୍ବାର ଟେଣ୍ଡରକୁ ପାସ୍ କରିବାରୁ ଉଭୟ ପକ୍ଷ ମଧ୍ୟରେ ଟେଣ୍ଡରକୁ ନେଇ କନ୍ଦଳ ଦେଖାଦେଇଥିଲା। ବୈଠକରେ ପ୍ରାୟ ୩୦ଜଣ କର୍ପୋରେଟର ଥିବାବେଳେ ଅଧାରୁ ଅଧିକ କର୍ପୋରେଟର ଟେଣ୍ଡର ସପକ୍ଷରେ ମତ ପ୍ରକାଶ କରିଥିବା ସୂଚନା ମିଳିଛି। ମାତ୍ର ତ୍ରୁଟିପୂର୍ଣ୍ଣ ଟେଣ୍ଡରକୁ ନେଇ ପୁଣିଥରେ କର୍ପୋରେଟର ନୃପେଶ ନାୟକ ପ୍ରଶ୍ନ କରିଥିଲେ। ଟେଣ୍ଡର କରିବା ପୂର୍ବରୁ କାହିଁକି କର୍ପୋରେଶନର ଅନୁମୋଦନ ନିଆଗଲା ନାହିଁ, ଶ୍ରମ ବିଭାଗ ପକ୍ଷରୁ ଜାରି ହୋଇଥିବା ପାରିଶ୍ରମିକକୁ କାହା ନିର୍ଦ୍ଦେଶରେ ବୃଦ୍ଧି କରାଯାଇ ଟେଣ୍ଡର କରାଗଲା ? ଏଭଳି ୨୪ଟି ପ୍ରଶ୍ନ କରିଥିଲେ। ଏଥିରୁ ଅଧିକାଂଶ ପ୍ରଶ୍ନ ଭିତ୍ତିହୀନ ବୋଲି କମିଶନର କହିଥିବାବେଳେ ଆଉ କିଛିର ଉତ୍ତର ଅଧିକାରୀଙ୍କ ପାଖରେ ନ ଥିଲା। ତେଣୁ ଘଟଣାକୁ ନେଇ ଦ୍ୱନ୍ଦ୍ୱ ବଢୁଥିବାରୁ ଘଟଣାର ଅନ୍ତରୀଣ ତଦନ୍ତ କରାଯିବ ବୋଲି କମିଶନର କହିଥିଲେ। ସପ୍ତାହେ ଭିତରେ ଏକ ସ୍ୱତନ୍ତ୍ର କମିଟି ମାଧ୍ୟମରେ ତଦନ୍ତ କରାଯାଇ ଆସନ୍ତା ମାସିକିଆ ବୈଠକରେ ରିପୋର୍ଟ ପ୍ରକାଶ କରାଯିବ। ସେହିପରି ପୂର୍ବରୁ ବିନା ଟେଣ୍ଡରରେ କିଭଳି ବିଏମ୍‌ସିରେ ଶହ ଶହ ଗାଡ଼ି ଲାଗିଥିଲା, ତେଲର ବ୍ୟବହାର କିପରି ହେଉଥିଲା, ସେ ନେଇ ମଧ୍ୟ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି। ତେବେ ବିଏମ୍‌ସିରେ ଭେହିକିଲ୍ ଟେଣ୍ଡର ଫିକ୍ସିଂ ହୋଇଥିବାବେଳେ ବିଏମ୍‌ସି କର୍ତ୍ତୃପକ୍ଷ ନିଜ ବିରୋଧରେ କିପରି ତଦନ୍ତ କରିବେ ବୋଲି ନୃପେଶ ପ୍ରଶ୍ନ କରିଛନ୍ତି। ଟେଣ୍ଡର ଫିକ୍ସିଂ ହେବାର ସବୁଠାରୁ ବଡ଼ ପ୍ରମାଣ ହେଉଛି, ଟେଣ୍ଡର ପାଇଥିବା କମ୍ପାନୀ ସେରେନ୍‌ଓ୍ୱାଲି ଏବଂ ଦ୍ୱିତୀୟ ଲୋଏଷ୍ଟ ଟେଣ୍ଡର ପକାଇଥିବା ସୀମାଦ୍ରି ଦୁଇଟିଯାକ କମ୍ପାନୀର ମାଲିକ ଜଣେ। ତେଣୁ ନିୟମ ଅନୁଯାୟୀ, ଜଣେ ମାଲିକ ଦୁଇଟି କମ୍ପାନୀ ନାମରେ ଟେଣ୍ଡର କରିପାରିବ ନାହିଁ। ମାତ୍ର ଏଠାରେ ତାହା ହୋଇଛି। ଏପରିକି ସେ ଉଠାଇଥିବା ୨୪ଟି ଯାକ ପ୍ରଶ୍ନର ଯୁକ୍ତିଯୁକ୍ତ ଉତ୍ତର ଅଧିକାରୀମାନେ ଦେଇପାରିଲେ କର୍ପୋରେଶନ ତ୍ୟାଗ କରିବା ସହ କର୍ପୋରେଟର ପଦରୁ ଇସ୍ତଫା ଦେବେ ବୋଲି ସେ ଚ୍ୟାଲେଞ୍ଜ ଦେଇଛନ୍ତି। ଅପରପକ୍ଷେ ସବୁକିଛି ଠିକ୍‌ଠାକ୍ ଅଛି, ଅଯଥାରେ ଟେଣ୍ଡରକୁ ବିବାଦକୁ ଟଣାଯାଉଛି। ଟେଣ୍ଡର ବାତିଲ କରିବାର କୌଣସି କାରଣ ନ ଥିବା ବିଭାଗୀୟ ଡେପୁଟି କମିଶନର କହିଛନ୍ତି।

## ୩ ଜଣଙ୍କୁ ‘ସ୍ତବକ କଳା ସମ୍ମାନ’



ଭୁବନେଶ୍ୱର, ୧୧।୧୧(ବନ୍ଦନା ସେଠୀ)

ଚିନ୍ମୟ କ୍ଲାସିକ୍ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଚତୁର୍ଥ ସ୍ତବକ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ସିକତା ଦାସଙ୍କୁ ‘ସ୍ତବକ କଳା ସମ୍ମାନ’ ପ୍ରଦାନ କରାଯାଇଥିଲା। ପରେ ଉତ୍ସବରେ ପ୍ରାୟ ୧୦ଜଣ ନବାଗତ ଓଡ଼ିଶୀ ନୃତ୍ୟଶିଳ୍ପୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଡି. ରେଶ୍ମିଙ୍କ ଜଗନ୍ନାଥ ଅଷ୍ଟକମ୍ ଓ ଅଷ୍ଟପଦୀରୁ ନୃତ୍ୟ ଆରମ୍ଭ ହୋଇଥିଲା। ଏହାପରେ ଡ. ଚିନ୍ମୟ କରଙ୍କ ସବେରୀ ପଲ୍ଲବୀ ଓ ଆଶା କୁମାରୀଙ୍କ ‘ଗୀତଗୋବିନ୍ଦ’, ଶ୍ରେୟା ମିଶ୍ରଙ୍କ ‘କୋଣାର୍କ କ୍ରାନ୍ତି’, ଆଶ୍ୱାସନା ଓ ରୁକଧାତ୍ରିଙ୍କ ‘ରାଗେଶ୍ରୀ ପଲ୍ଲବୀ’ ଏବଂ ପରିଶେଷରେ ଚିନ୍ମୟ କ୍ଲାସିକ୍‌ର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ସେଠୀ, ଜଗନ୍ନାଥ ପ୍ରଧାନ, ଶଶିପ୍ରଭା ରଥ ଓ ଗୁରୁ ନିରଞ୍ଜନ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ବଳିୟାରସିଂ ସଂଯୋଜନା କରିଥିବାବେଳେ ଗୁରୁ ବିଜୟ କୁମାର ଦାଶ ଓ ସୁଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ।

## କଣ୍ଡକ୍ଟରଙ୍କୁ ମାଡ଼ମାରି ବସ୍ ମାଲିକ ଗିରଫ

ବାରଙ୍ଗ,୧୧।୧୧(ଲିଙ୍ଗରାଜ ରାଉତ)

ଭୁବନେଶ୍ୱରରୁ ତାଳଚେର ଚଳାଚଳ କରୁଥିବା ପ୍ରଧାନ ନାମକ ବସ୍‌ର ଦିବ୍ୟାଙ୍ଗ କଣ୍ଡକ୍ଟରଙ୍କୁ ମାଡ଼ମାରି ସୁନାମୁଦି, ଟଙ୍କା ଛଡ଼ାଇ ନେବା ଅଭିଯୋଗରେ ଅନ୍ୟଏକ ବସ୍‌ର ମାଲିକଙ୍କୁ ନନ୍ଦନକାନନ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ବସ୍ ମାଲିକ ହେଲେ ରଘୁନାଥପୁର ଗାଁର ମାନସ ରଞ୍ଜନ ସାହୁ ଓରଫ ବାପୁନି। ଅଭିଯୋଗ ଅନୁସାରେ, ସୌମେନ୍ଦ୍ରଙ୍କ ପ୍ରଧାନ ବସ୍ (ଓଡ଼ି ୦୨-ସିଏଲ୍- ୨୧୨୨) ନିୟମିତ ଭୁବନେଶ୍ୱରରୁ ତାଳଚେର ଯିବା ଆସିବା କରୁଥିବାବେଳେ ସେହି ରାସ୍ତାଦେଇ ବାପୁନିଙ୍କ ବସ୍ (ଓଡ଼ି-୦୨-ଏୱାଇ-୧୩୫୦) ଭୁବନେଶ୍ୱରରୁ ଅନୁଗୋଳକୁ ଯିବା ଆସିବା କରିଥାଏ। କିନ୍ତୁ ବାପୁନି ନିଜ ବସ୍‌ର ନେମ୍‌ପ୍ଲେଟ୍‌ରେ ଭୁବନେଶ୍ୱର-ଅନୁଗୋଳ ପରିବର୍ତ୍ତେ ଭୁବନେଶ୍ୱର-ତାଳଚେର ଲେଖିଥିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ୫ ତାରିଖ ସନ୍ଧ୍ୟାରେ ତାଳଚେର ଯାଉଥିବା ସୌମେନ୍ଦ୍ରଙ୍କ ବସ୍‌କୁ ବାପୁନି ରଘୁନାଥପୁର ମାଉସୀ ମା’ ମନ୍ଦିର ନିକଟ ପେଟ୍ରୋଲ ପମ୍ପ ପାଖରେ ଅଟକାଇ ଭିନ୍ନକ୍ଷମ କଣ୍ଡକ୍ଟର ପ୍ରଶାନ୍ତ ବେହେରାଙ୍କୁ ଗାଳିଗୁଲଜ କରିବା ସହ ଏକ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଧମକ ମଧ୍ୟ ଦେଇ ଲୁଟ୍‌ପାଟ କରିଥିଲେ।

## ବିଏମ୍‌ସିକୁ ସିଷ୍ଟର ସିଟି ଭାବେ ଗ୍ରହଣ କଲା କୁପରଟିନୋ



କୁପରଟିନୋ ମହାନଗର ନିଗମ ଟିମ୍ ସହ ବିଏମ୍‌ସି ମେୟର ଓ କମିଶନର।

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

### ଭୁବନେଶ୍ୱର ସହ ଆମେରିକା ସମ୍ପର୍କ ଦୃଢ଼ୀଭୂତ ହେବା ଆଶା

ଭୁବନେଶ୍ୱର ମହାନଗର ନିଗମ ଓ ୟୁନାଇଟେଡ୍ ଷ୍ଟେଟ୍‌ସ ଅଫ୍ ଆମେରିକା (ୟୁଏସ୍‌ଏ)ର କୁପରଟିନୋ ସିଟି ମଧ୍ୟରେ ଏକ ବୈଠକ ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୁପରଟିନୋ ସିଟିର ମେୟର ଶୀଲା ମୋହନ, ମ୍ୟାନେଜର ବା କମିଶନର ପାମେଲା ଉ, କୁପରଟିନୋ (ସି ବି ଏ ସ୍ ସି ଆ । ଇ - କୁ ପ ର ଟି ନୋ ଭୁବନେଶ୍ୱର ସିଷ୍ଟର ସିଟି ଇନିସିଏଟିଭ୍)ର ସହ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ରୀନା ପଟ୍ଟନାୟକ, ଅନ୍ୟତମ ସହ ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦ ସଦସ୍ୟ ମହେଶ ପାକଲା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଏମ୍‌ସି ଏବଂ କୁପରଟିନୋର ସିଷ୍ଟର ସିଟି ସମ୍ପର୍କ ସୁଦୃଢ଼ କରିବା ଉପରେ ଆଲୋକପାତ ହୋଇଥିଲା। ମେୟର ବିଏମ୍‌ସି ସମ୍ପର୍କରେ ସୂଚନା ପ୍ରଦାନ କରି କହିଲେ, ଆଗାମୀ ଦିନରେ ଉଭୟ ସହର ତଥା ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ । ଉଭୟ ସହର ମଧ୍ୟରେ କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ, ଛାତ୍ରୀଛାତ୍ର ଆଦି ବିଭିନ୍ନ କ୍ଷେତ୍ରରେ ଭାବ ବିନିମୟ ଜାରି ରହିବ ବୋଲି ସେ କହିଥିଲେ। ସେହିପରି କୁପରିଟିନୋ ସିଟି ମେୟର ଶିଳା ଭୁବନେଶ୍ୱରର ମହାନଗର ନିଗମକୁ ସିଷ୍ଟର ସିଟି ଭାବେ ଗ୍ରହଣ କରିଥିବା ସ୍ୱୀକୃତି ପତ୍ର ପ୍ରଦାନ କରିବା ସହ ମେୟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ କହିଲେ, ବିଏମ୍‌ସିକୁ ସିଷ୍ଟର ସିଟି ଭାବରେ ପାଇ କୁପରଟିନୋ ନିଜକୁ ଗୌରବ ମନେ କରୁଛି। ଆଗାମୀ ଦିନରେ କେବଳ ଉଭୟ ସିଟି ନୁହେଁ, ବରଂ ଉଭୟ ଦେଶ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଘନିଷ୍ଠ ହେବ। ଆମେ ଦୁଇ ଭଉଣୀ ଆଗାମୀ ଦିନରେ ଉଭୟ ମହାନଗରକୁ ଆଗକୁ ନେବାରେ ପରସ୍ପର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସହରର ପରିଚାଳନା ସମ୍ପର୍କରେ କହିଥିବାବେଳେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିସଂଖ୍ୟାନ ଅଲିମ୍ପିଆଡ

ଭୁବନେଶ୍ୱର,୧୧।୧୧(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିସଂଖ୍ୟାନ ବିଭାଗ ଓ ଉତ୍କଳ ଆଲୁମ୍ନି ଆସୋସିଏଶନ ପକ୍ଷରୁ ରବିବାର ପରିସଂଖ୍ୟାନ ଅଲିମ୍ପିଆଡ୍ ଅନୁଷ୍ଠିତ ହୋଇଯାଇଛି। ପରିସଂଖ୍ୟାନ ବିଷୟକୁ ଲୋକପ୍ରିୟ କରିବା ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ଆଗ୍ରହ, ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଅଲିମ୍ପିଆଡ୍‌ର ଆୟୋଜନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରିୟରଞ୍ଜନ ଦାଶ, ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ ଏବଂ ପ୍ରଫେସର ରାକେଶ ବେହେରା ପରୀକ୍ଷା ପ୍ରକ୍ରିୟା ସଂଯୋଜନା କରିଥିଲେ। ସାରା ଓଡ଼ିଶାରୁ ୪୦୦ରୁ ଅଧିକ +୨ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ରାଜ୍ୟର ୫ଟି ପରୀକ୍ଷା କେନ୍ଦ୍ର ଭୁବନେଶ୍ୱର, ବଲାଙ୍ଗୀର, ଜୟପୁର, ପୁରୀ ଏବଂ ସମ୍ବଲପୁରରେ ଏହି ପରୀକ୍ଷା କରାଯାଇଥିଲା।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହେଲେ ଜୟନ୍ତ ରଥ

ଭୁବନେଶ୍ୱର,୧୦।୧୧(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଜୟନ୍ତ କୁମାର ରଥ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଧୀରେନ୍ ମଲ୍ଲିକ ଉପସଭାପତି, ରବୀନ୍ଦ୍ର କୁମାର ନାୟକ ସମ୍ପାଦକ, ଚକ୍ରଧର ଦାସ ସହ-ସମ୍ପାଦକ ଓ ଚକ୍ରଧର ସାହୁ କୋଷାଧ୍ୟକ୍ଷ ରହିଛନ୍ତି। ଏଥିସହ ୧୩ ଜଣିଆ କାର୍ଯ୍ୟକାରୀ ସମିତି ଓ ୬ଜଣ ଉପଦେଷ୍ଟାମଣ୍ଡଳୀ ଚୟନ କରାଯାଇଛି। ପରେ ସମସ୍ତ ନୂଆ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଗାନ୍ଧୀପାର୍କଠାରେ ପ୍ରଥମ କାର୍ଯ୍ୟକାରୀ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା।




ଭୁବନେଶ୍ୱର ଓକିଲ ସଂଘ ଓ ପୂଜ୍ୟପୂଜା ଟ୍ରଷ୍ଟ ପକ୍ଷରୁ ସୋମବାର ସୂଚନା ଭବନରେ ଅନୁଷ୍ଠିତ ରେବତୀକାନ୍ତ ଶାସ୍ତ୍ରୀଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମାରକୀ ବକ୍ତୃତାରେ ଯୋଗଦେଇଥିବା ଅତିଥିମାନେ।

## ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧଦିବସରେ ଆଦିତେଶ୍ୱର ମିଶ୍ର, ସୌରଭ ନାୟକ ସମ୍ମାନିତ ହେବେ

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୨୨ତମ ଶ୍ରାଦ୍ଧଦିବସ ନଭେମ୍ବର ୧୭ରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଗାଳ୍ପିକ ଆଦିତେଶ୍ୱର ମିଶ୍ର ‘ଅକ୍ଷୟ ସାହିତ୍ୟ’ ଏବଂ କଣ୍ଠଶିଳ୍ପୀ ସୌରଭ ନାୟକ ‘ଅକ୍ଷୟ ସଙ୍ଗୀତ ସମ୍ମାନ’ ପାଇବେ। କଣ୍ଠଶିଳ୍ପୀ ଇଂ. ବିଚିତ୍ରାନନ୍ଦ ଦେଓ, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଆଦ୍ୟାଶା ଦାଶ, ସଞ୍ଜୟ ମିଶ୍ର ପ୍ରମୁଖ ଅକ୍ଷୟ ସଙ୍ଗୀତ ଗାନ କରିବେ। ସେହିପରି ଭାଓଲିନ୍ ବାଦକ ରାକେଶ ବିଶ୍ୱାଳ ନିଜ ଭାଓଲିନ୍ ସାହାଯ୍ୟରେ ଅକ୍ଷୟ ସଙ୍ଗୀତ ପରିବେଷଣ କରିବେ ବୋଲି ସଂସ୍କୃତି ଓ ସଂସ୍କୃତିର ସଭାପତି ପ୍ରଦୋଷ ପଟ୍ଟନାୟକ ଏବଂ ସମ୍ପାଦକ ଦିଲୀପ ହାଲି ସୂଚନା ଦେଇଛନ୍ତି।




ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ୟୁନିଟ୍-୩ ସରସ୍ୱତୀ ଶିଶୁ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱଦେଶୀ ସନ୍ଦେଶ ଯାତ୍ରା।

## ବାର୍‌ରେ ଦାଦାବଟି ମାଗି ବନ୍ଧା ହେଲେ ଯୁବକ

ବାରଙ୍ଗ,୧୧।୧୧(ଲିଙ୍ଗରାଜ ରାଉତ)

ନିଶାସକ୍ତ ଅବସ୍ଥାରେ ଏକ ବାର୍‌ରେ ପଶି ମଦ ଦେବାକୁ ଧମକାଇବା, ଦାଦାବଟି ମାଗିବା, ମରଣାନ୍ତକ ଆକ୍ରମଣ ସହ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି କରିଛି। ସେ ହେଲେ ରଘୁନାଥପୁର ଗ୍ରାମର ରୋହନ ପାଣି ଓରଫ ବିଟୁ। ପୋଲିସ ବିଟୁଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ପ୍ଲାଷ୍ଟିକ୍ ପାଇପ ଓ ଏକ ବାଇକ୍ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୯୩/୨୪) ରୁଜୁ କରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଗତ ୧୩ତାରିଖ ରାତିରେ ନନ୍ଦନକାନନ-କଟକ ରୋଡ଼ରେ ଥିବା ବାର୍‌ରେ ଏହି ଘଟଣା ଘଟିଥିଲା। ବିଟୁ ଓ ସହଯୋଗୀ ବାର୍ ଭଙ୍ଗାରୁଜା ଓ ଗାଳିଗୁଲଜ କରୁଥିବା ଖବରପାଇ ନନ୍ଦନକାନନ ପୋଲିସ ପହଞ୍ଚିବାରୁ ସେମାନେ ସେଠାରୁ ଖସି ପଳାଇଥିଲେ। ପରେ ଉଭୟ ହାତରେ ଖଣ୍ଡା ଧରି ସେଠାରେ ପହଞ୍ଚି ସମ୍ପଦ ଏବଂ ତାଙ୍କ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏଥିସହ କ୍ୟାଶ କାଉଣ୍ଟରରୁ ୨୦ ହଜାର ଟଙ୍କା ଜୋରଜବରଦସ୍ତ ନେଇଯାଇଥିଲେ। ସେଠାରେ ଥିବା ଏକ କମ୍ପାନୀ ଗାଡ଼ିକୁ ବାଡ଼େଇ ଭାଙ୍ଗି ଦେଇଥିବା ସମ୍ପଦ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ‘ପ୍ରାକୃତିକ ଦୁର୍ବିପାକ ଓ ଓଡ଼ିଶା-ଏହାର ନିରାକରଣ’ ଆଲୋଚନାଚକ୍ର

ତ୍ରିଶୂଳିଆ, ୧୧।୧୧(ତୁଷାରକାନ୍ତ ବେହେରା): କୁଞ୍ଜବିହାରୀ ମହାବିଦ୍ୟାଳୟ ଭୂଗୋଳ ବିଭାଗ ପକ୍ଷରୁ ‘ପ୍ରାକୃତିକ ଦୁର୍ବିପାକ ଓ ଓଡ଼ିଶା-ଏହାର ନିରାକରଣ’ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ଡ. କବୀର ମୋହନ ସେଠୀ ଓ ଗ୍ୟାଙ୍ଗଟକ୍‌ସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରୋଗ୍ରାମ ଡାଇରେକ୍ଟର ଡ. ପ୍ରଦୀପ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଭୂଗୋଳ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର ସାହୁ ଓ ଅଧ୍ୟାପିକା ଡ. ପୁଷ୍ପାରାଣୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷା ଡ. ଲିପିପୁଷ୍ପା ନାୟକ ସଭାପତିତ୍ୱ କରିଥିଲେ।

## ଖୁସିୟୋଁ କା ତ୍ୟୋହାର ସିଜନ-୩ର ପୁରସ୍କାର ବିତରଣ ଉତ୍ସବ

### ହୀରା ହାର ଜିତିଲେ ଅନାମିକା

ଭୁବନେଶ୍ୱର,୧୦।୧୧




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ପକ୍ଷରୁ ଖୁସିୟୋଁ କା ତ୍ୟୋହାର ସିଜନ-୩ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏପରିକି ଗତ ଏକ ମାସରୁ ଅଧିକ ସମୟ ଧରି ଜାରି ରହିଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ମଲ୍ ପକ୍ଷରୁ ରବିବାର ଏକ ମେଗା ପୁରସ୍କାର ବିତରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ମଲ୍‌ର ଗ୍ରାହକ ଅନାମିକା ଖୁସିୟୋଁ କା ତ୍ୟୋହାର ସିଜନ-୩ର ବିଜେତା ଭାବେ ଏକ ହୀରା ହାର ଜିତିଛନ୍ତି। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତ୍ରୀ ଦେବଯାନୀ ଦେଘୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଛନ୍ତି। ଏପରିକି ମଲ୍‌ର ଗ୍ରାହକ ଅସିତଙ୍କୁ ମାର୍ଶାଲ ସ୍ପିକର, ପୁଷ୍ପଲତାଙ୍କୁ ସୁନା ମୁଦ୍ରା, ସ୍ୱର୍ଣ୍ଣ ମିଶ୍ରଙ୍କୁ ଫ୍ରିଜ୍, ସ୍ନିଗ୍ଧା ମିଶ୍ରଙ୍କୁ ଏଲଇଡି ଟିଭି, ପ୍ରଜ୍ଞା, ପ୍ରକାଶ ସାହୁ ଓ ସତ୍ୟଶ୍ରୀ ସାସମଲଙ୍କୁ ଦାମୀ ଘଣ୍ଟା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଲ୍ଡରର ପ୍ରତିଷ୍ଠାତା ସୁବାସ ଭୁରା, ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଜେନେରାଲ ମ୍ୟାନେଜର ଦୁଲାଲ ଚନ୍ଦ୍ର ସାହୁ, ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପ୍ରତିନିଧି ଏବଂ ମଲ୍ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ସଲଫେଜ, ଇଥସ୍ ୱାଚେସ୍, ଓଣ୍ଡରେଲା ଓ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ‘ଖୁସିୟୋଁ କା ତ୍ୟୋହାର-ସିଜନ-୩ କାର୍ଯ୍ୟକ୍ରମ ନିକଟରେ ଶେଷ ହୋଇଯାଇଛି। ସୂଚନାଯୋଗ୍ୟ, ୨୦୨୪ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଖୁସିୟୋଁ କା ତ୍ୟୋହାର ୨୦୨୪ ନଭେମ୍ବର ୮ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପ୍ରାୟ ୫୦ ହଜାର ଗ୍ରାହକ ସାମିଲ ହୋଇଥିବାବେଳେ ଲକି ଡ୍ରରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପ୍ରତି ସପ୍ତାହରେ ଲକି ଡ୍ର ଉଠାଣ କରାଯାଉଥିଲାବେଳେ ଗ୍ରାହକମାନେ ସ୍ୱର୍ଣ୍ଣ ମୁଦ୍ରା ଓ ସପିଂ ଭାଉଚର ଆଦି ଜିତିଥିଲେ। ଅପରପକ୍ଷରେ ‘ଖୁସିୟୋଁ କା ତ୍ୟୋହାର’ରେ ଅଂଶ ଗ୍ରହଣ କରିଥିବା ସମସ୍ତ ଗ୍ରାହକଙ୍କୁ ପୁରସ୍କାର ମଧ୍ୟ ବଣ୍ଟନ କରାଯାଇଛି।

## ଯୋଗାସନ ଚାମ୍ପିୟନଶିପ୍‌ରେ କିଟ୍‌କୁ ୪ ପଦକ

ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)




ଅଲ୍ ଓଡ଼ିଶା ଯୋଗ ଥେରାପିଷ୍ଟ ଆସୋସିଏଶନ(ଏଓୱାଇଟିଏ) ଓ ଅଲ ଓଡ଼ିଶା ଯୋଗ କଲେଜ ଆସୋସିଏଶନ(ଏଓୱାଇସିଏ) ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ଯୋଗାସନ ଚାମ୍ପିୟନଶିପ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ପିଜି କଲେଜ ଓ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୪ଟି ପଦକ ହାସଲ କରିଛି। ଏଥିମଧ୍ୟରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ପ୍ରଥମବର୍ଷ ପୁରୁଷ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟର ଗମା ହୋ ପ୍ରଥମ ଓ ଦୀପକ ମୁଣ୍ଡା ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଯାଜପୁରସ୍ଥିତ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର ନିଶିକାନ୍ତ ଦାସ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ବର୍ଷ ମହିଳା ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟର ମନୀଷା ପ୍ରଧାନ ପ୍ରଥମ ସ୍ଥାନରେ ରହିଥିବାବେଳେ ଜୁଲି ନାୟକ ଦ୍ୱିତୀୟ ହୋଇଥିଲେ। ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ମାନସୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ବର୍ଷ ପୁରୁଷ ବର୍ଗରେ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ହରିହର ପୂଜାରୀ ପ୍ରଥମ, ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ଯୋଗ ଆୟୁର୍ବେଦ ଆଣ୍ଡ ନେଚରୋପାଥିର କାର୍ତ୍ତିକ ଚନ୍ଦ୍ର ଦାସ ଦ୍ୱିତୀୟ ଏବଂ ଯାଜପୁରସ୍ଥିତ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର ପ୍ରକାଶ ବେହେରା ତୃତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ବର୍ଷ ମହିଳା ବର୍ଗରେ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ଯୋଗ ଆୟୁର୍ବେଦ ଆଣ୍ଡ ନେଚରୋପାଥିର ବିଷ୍ଣୁପ୍ରିୟା ମହାନ୍ତି ପ୍ରଥମ ଓ ମୋନାଲିସା ସାହୁ ତୃତୀୟ ସ୍ଥାନରେ ରହିଥିବା ବେଳେ ଯାଜପୁରସ୍ଥିତ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର ଦୁର୍ଗେଶ ନନ୍ଦିନୀ ରାଉତ ଦ୍ୱିତୀୟ ହୋଇଥିଲେ। ସମସ୍ତ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଠିକ୍ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

## ବାଲିଯାତ୍ରା ପ୍ରସ୍ତୁତି ସମୀକ୍ଷା କଲେ ଉନ୍ନୟନ କମିଶନର, ପର୍ଯ୍ୟଟନ ସଚିବ


ବାଲିଯାତ୍ରା ପଡିଆରେ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଆସନ୍ତା ୧୫ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ବାଲିଯାତ୍ରା ପଡ଼ିଆରେ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଉନ୍ନୟନ କମିଶନର ଅନୁ ଗର୍ଗ ଓ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ସୋମବାର ବାଲିଯାତ୍ରା ତଳ ପଡ଼ିଆରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଗର୍ଗ କହିଛନ୍ତି, ବାଲିଯାତ୍ରାକୁ ଆନ୍ତର୍ଜାତିକସ୍ତରର ମେଳାରେ ପରିଣତ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି। ବିଭିନ୍ନ ଦେଶର ରାଷ୍ଟ୍ରଦୂତ ବାଲିଯାତ୍ରାରେ ଯୋଗ ଦେବା ପାଇଁ ସହମତି ପ୍ରକାଶ କରିଛନ୍ତି। ଚଳିତବର୍ଷ ସ୍ୱତନ୍ତ୍ର ଭାବେ ଦକ୍ଷିଣ ଏସିଆର ସାଂସ୍କୃତିକ ଟ୍ରୁପ୍ସ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଲିଯାତ୍ରାରେ ଓଡ଼ିଆ ଅସ୍ମିତା ପ୍ରଦର୍ଶନ ସହ ଓଡ଼ିଶାର ନୌବାଣିଜ୍ୟ ଇତିହାସ ଓ ପରମ୍ପରା ଗାଥାକୁ ଦକ୍ଷିଣପୂର୍ବ ରାଷ୍ଟ୍ରଗୁଡ଼ିକରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର ଅନାମ ପାତ୍ର, ଡିସିପି ଜଗମୋହନ ମୀନା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ବାଲିଯାତ୍ରା ସୁପରିଚାଳନା ପାଇଁ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉନ୍ନୟନ କମିଶନର ଗର୍ଗ ଯୋଗଦେଇ ସମସ୍ତ ବ୍ୟବସ୍ଥା ଠିକ୍ ଭାବେ ପରିଚାଳନା କରିବା ସହ ପାରମ୍ପରିକ ଖାଦ୍ୟ, ବୋଟ୍ କ୍ଲବ୍‌ଠାରେ ସ୍ୱତନ୍ତ୍ର ଆତିଥ୍ୟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲିଯାତ୍ରା ସମୟରେ ଟ୍ରାଫିକ୍ କଟକଣା ସହ ଭିଡ଼ ନିୟନ୍ତ୍ରଣ, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ବାଲିଯାତ୍ରାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟନ ସଚିବ ସିଂ ଯୋଗଦେଇ ଜାତୀୟ ରାଜପଥରୁ କଟକ ପ୍ରବେଶ ପଥକୁ ସଂଯୋଗ କରୁଥିବା ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା, ରାସ୍ତାଘାଟ ସଫେଇ, ଆବଶ୍ୟକ ୱାଲ୍ ପେଣ୍ଟିଂ କରିବା ପାଇଁ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବାଲିଯାତ୍ରା ଆୟୋଜନ ଓ ପ୍ରସ୍ତୁତି ସମ୍ପର୍କରେ ପାୱାର ପଏଣ୍ଟ ଜରିଆରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସଚିବ ମନୀଷ ଅଗ୍ରୱାଲ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା, ସୂଚନା ଓ ଲୋକସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଦେବ ପ୍ରସାଦ ଦାସ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଓ ଶିବ ଟୋପୋ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଓ ଆଠଗଡ ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

### ଅତିଥିଙ୍କୁ ତାରକସି ବୋଇତ ଉପହାର

ତାରକସି କାର୍ଯ୍ୟ ପାଇଁ କଟକ ପ୍ରସିଦ୍ଧି ଲାଭ କରିଛି। ବାଲିଯାତ୍ରାରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଯୋଗଦେବେ। ଏଥିସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଟକର ତାରକସି କାର୍ଯ୍ୟକୁ ବିଶ୍ୱସ୍ତରରେ ଅଧିକ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଚଳିତବର୍ଷ ଅତିଥିମାନଙ୍କୁ ତାରକସି ବୋଇତ ଉପହାର ପ୍ରଦାନ କରାଯିବ। ଏଥିପାଇଁ ୧୫ଟି ତାରକସି ବୋଇତ ତିଆରି କରିବାକୁ କଟକ ନୟାସଡ଼କ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବରାଦ ଦିଆଯାଇଛି।

### ରଙ୍ଗ, ଓଡ଼ିଆ ଚଳଚ୍ଚିତ୍ର ମଞ୍ଚ କାମରେ କାରିଗର ବ୍ୟସ୍ତ

ବାଲିଯାତ୍ରା ପାଇଁ କଟକ ହରିପୁର ଚିତ୍ରକଳା ଆର୍ଟ ଅନୁଷ୍ଠାର ୧୨ ଜଣ କାରିଗର କଟକ-ଇନ୍-କଟକ ପରିସରରେ ଗଛ ରଙ୍ଗ ସହ ଟେରାକୋଟା ରଙ୍ଗ କାମ କରୁଛନ୍ତି। ବାଲିଯାତ୍ରା ଆଉ ଦିନ କେଇଟା ରହିଥିବାବେଳେ କାରିଗରମାନେ କାମରେ ବ୍ୟସ୍ତ ରହିଛନ୍ତି। କଟକ-ଇନ୍-କଟକ ପରିସରରେ ଓଡ଼ିଆ ସିନେମାର ଝଲକ ଦର୍ଶକ ଦେଖିବାକୁ ପାଇବେ। ଏଥିପାଇଁ ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। କଟକ-ଇନ-କଟକ ପରିସରରେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ରର ନାମ ଓ ପୋଷ୍ଟରରେ ସ୍ୱତନ୍ତ୍ର ଭାବେ ସେଲ୍ଫି ଜୋନ୍ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି।

# କାଳୀମେଢ଼ ଭସାଣି ସରିଲା


ମା'କାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବିଦ୍ୟାଧରପୁରର ପ୍ରସିଦ୍ଧ କାଳୀମେଢ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରୁ ବଡ଼କାଳୀ, ସାନକାଳୀ ଓ ଦକ୍ଷିଣକାଳୀ ମେଢ ବାହାରି ନଗର ପରିକ୍ରମା କରିଥିଲା। ଶତାଧିକ ମହିଳା ଲୁଗା ବିଛାଇ, ହଳଦୀ ପାଣି ପକାଇ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ବଡ଼କାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ତାଳଦଣ୍ଡା କେନାଲରେ ବିସର୍ଜନ କରାଯାଇଥିଲା। ପରେ ଅନ୍ୟାନ୍ୟ ୨୮ଟି ପ୍ରତିମାକୁ ପ୍ରଶାସନ ପକ୍ଷରୁ ଖୋଳାଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ବାଲିଯାତ୍ରା ପ୍ରଜ୍ଞାପନ ରଥ ଉଦ୍‌ଘାଟିତ


ବାଲିଯାତ୍ରା ପ୍ରଜ୍ଞାପନ ରଥକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଉଦ୍‌ଘାଟନ କରୁଛନ୍ତି।

ବାଲିଯାତ୍ରାର ପ୍ରଚାର ପାଇଁ ସୋମବାର ବାଲିଯାତ୍ରା ତଳପଡ଼ିଆରେ ପ୍ରଜ୍ଞାପନ ରଥ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବାଲିଯାତ୍ରା ଶେଷ ପର୍ଯ୍ୟନ୍ତ କଟକ, ଜଗତ୍‌ସିଂହପୁର, ନୟାଗଡ଼, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବ।

# ୭ ଦିନରେ ଦୋକାନ ହଟାଇବାକୁ ନିର୍ଦ୍ଦେଶ

ମଙ୍ଗୁଳି-ଜଗତପୁର, ୧୧।୧୧(ମାନସ ସାମଲ)

ଚୌଦ୍ୱାର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ମୁଣ୍ଡମାଳସ୍ଥିତ ଲିବ୍ରା କାର୍ପେଟ୍ସ କମ୍ପାନୀ ପାଖରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଦୋକାନଗୁଡ଼ିକ ରହିଛି। ଆସନ୍ତା ୭ ଦିନ ମଧ୍ୟରେ ବ୍ୟବସାୟୀମାନେ ନିଜ ଦୋକାନକୁ ସେଠାରୁ ହଟାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଦୋକାନଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓଟିଏମ୍)ର ମୁଖ୍ୟ ଗେଟ୍ ସମ୍ମୁଖ ଏବଂ ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ଡ୍ରେନ୍‌କୁ ଲଗାଇ ବେଆଇନ ଭାବେ ଶତାଧିକ ଦୋକାନ ନିର୍ମାଣ କରାଯାଇଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ସେଠାରୁ ସୋମବାର ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଗତ ଶନିବାର ଡାକବାଜି ଯନ୍ତ୍ରରେ ଜଣାଇ ଦିଆଯାଇଥିଲା। ପରେ ୫ଟିବଜାରର କମିଟି ସଦସ୍ୟ ଏକାଠି ହୋଇ ରବିବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଜିଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୂର୍ବାହ୍ନରେ ତହସିଲଦାର ଓ ଜିଲାପାଳଙ୍କ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ସ୍ଥାନୀୟ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ଡ୍ରେନ୍‌ଠାରୁ ୧୦ଫୁଟ୍ ଖାଲି କରିବାକୁ କହିଥିଲେ। ଏଥିରେ ଖିଲାପ ହେଲେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ବ୍ୟବସାୟୀ ରାଜି ହୋଇଥିବା ଜଣାପଡ଼ିଛି। ଜିଲାପାଳଙ୍କ ଟିମ୍‌ରେ ସୁସନତା ମହାନ୍ତି, ଅଭିଷେକ ମହାନ୍ତିଙ୍କ ସହ ଆର୍‌ଆଇ, ଅମିନ ଉପସ୍ଥିତ ଥିଲେ। ଅପରପକ୍ଷରେ ବିସ୍ଥାପିତ ହେବାକୁ ଥିବା ବ୍ୟବସାୟୀଙ୍କୁ ଥାଇଥାନ ପାଇଁ ପ୍ରଶାନିକ ସ୍ତରରେ ଆଲୋଚନା ଚାଲିଥିବା ତହସିଲଦାର କହିଛନ୍ତି।

# ଖବରଦାତାଙ୍କ ପିତୃ ବିୟୋଗ

ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ଧୂମାବତୀ ନଗର ବାସିନ୍ଦା ତଥା ଖବରଦାତା ସତ୍ୟବ୍ରତ ଦାସଙ୍କ ବାପା ଧୂଳମଣି ଦାସ(୯୦) ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନୀତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ପୁଅ ସତ୍ୟବ୍ରତ, ଶିବବ୍ରତ, ସନ୍ତୋଷ, କନ୍ୟା ସସ୍ମିତା ଓ ସୁଷମାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ପୁରୀରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଧୂଳମଣି ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। ଚୌଦ୍ୱାରରୁ ପ୍ରକାଶିତ 'ଦହନ' ଖବର କାଗଜରେ ସେ ନିୟମିତ ସ୍ତମ୍ଭକାର ଭାବେ ଅଞ୍ଚଳର ସମସ୍ୟା ଉପସ୍ଥାପନ କରୁଥିଲେ। ଚୌଦ୍ୱାର ବାଳିକା ବିଦ୍ୟାଳୟର ପ୍ରତିଷ୍ଠାରେ ତାଙ୍କର ବିଶେଷ ସହଯୋଗ ଥିଲା।


ପଞ୍ଚକ ଉପଲକ୍ଷେ ସୋମବାର କଟକ ଶଙ୍କରପୁର ଅଞ୍ଚଳର ଘର ସମ୍ମୁଖରେ ମହିଳା ଓ ଯୁବତୀ ଝୋଟି ପକାଉଛନ୍ତି।

# ଜୁଏଲେରି ମାଲିକଙ୍କୁ ଗାଳିଗୁଲଜ

କଟକ ସଦର,୧୧।୧୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଟାଇଁକଣା ଗ୍ରାମର ଶ୍ରୀମା ଜୁଏଲେରି ମାଲିକଙ୍କୁ ରବିବାର ରାତିରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ୨ଟି ବାଇକ୍‌ରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଦୋକାନରେ ପହଞ୍ଚି ବନ୍ଧୁକ ଦେଖାଇଥିଲେ। ମାତ୍ର ଦୋକାନୀ ପ୍ରସନ୍ନ ସେତେବେଳକୁ ଅଧା ଦୋକାନ ବନ୍ଦ କରିସାରିଥିବାରୁ ଦୁର୍ବୃତ୍ତମାନେ ଅଳଙ୍କାର ଲୁଟ୍ କରିପାରି ନ ଥିଲେ। କେବଳ ଧମକ ଦେଇ ଚାଲି ଯାଇଥିଲେ। ସୋମବାର ଦୋକାନୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୩୫୧/୨୪) ରୁଜୁ ହୋଇଛି।

# ନାଳରୁ ଯୁବକଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ, ୧୧।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ମହାଲକ୍ଷ୍ମୀପୁର ଗ୍ରାମର ବାଜିଆ ନାଳରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ପ୍ରମୋଦ ମୁଦୁଲି। ଶନିବାର ସକାଳେ ଉକ୍ତ ନାଳରେ ସେ ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଖବରପାଇ ଆଠଗଡ ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ସକାଳେ ଉକ୍ତ ନାଳବନ୍ଧରେ ପ୍ରମୋଦଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ଆଠଗଡ଼ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୪) ରୁଜୁ ହୋଇଛି।

# କାର୍ଯ୍ୟ ତଦାରଖ କଲେ ବିଧାୟିକା

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବିଡାନାସୀ ଅଞ୍ଚଳରେ ବଡ଼ନାଳ ନିର୍ମାଣ କାର୍ଯ୍ୟ ଜାରି ରହିଛି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ନାଳ କାମ ଶେଷ କରିବାକୁ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ କାମ ଚାଲୁଥିବା ସମୟରେ ଧସି ଯାଇଥିବା ମୁଖ୍ୟ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ କହିଥିଲେ। ଏହି ପରିଦର୍ଶନ ବେଳେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, କିଶୋର କର, ମଧୁସୂଦନ ମଲ୍ଲିକ, ସୁବାସ ଚନ୍ଦ୍ର ସାହୁ, ଭଗବାନ ଚାନ୍ଦ, ସନ୍ତୋଷ ପାତ୍ର, ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଓଟିଏମ୍ ହାଇସ୍କୁଲ ସ୍ଥାନାନ୍ତର ହେଲେ ଆନ୍ଦୋଳନ

ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ)

## ପୁରାତନ ଛାତ୍ର ସଂସଦ ବୈଠକ

ଚୌଦ୍ୱାର ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ଡା. ଉତ୍ତମ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ଓଟିଏମ୍ ହାଇସ୍କୁଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଉଥିବା ଅସମର୍ଥିତ ସୂତ୍ରରୁ ଖବରପାଇ ଛାତ୍ର ସଂସଦର ସଦସ୍ୟମାନେ ଏକତ୍ରିତ ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୯୫୨ ମସିହାରେ ଚୌଦ୍ୱାର ଶିଳ୍ପାଞ୍ଚଳରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସ୍ଥାନାନ୍ତର ହେଲେ ପୁରାତନ ଛାତ୍ର ସଂସଦ ତଥା ସ୍ଥାନୀୟ ଜନସାଧାରଣ ତୀବ୍ର ଆନ୍ଦୋଳନ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିସହ ଆସନ୍ତା ଫେବୃଆରୀ ୯ ତାରିଖରେ ସଂସଦର ଦ୍ୱାବିଂଶତମ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ବିଶ୍ୱକଲ୍ୟାଣ ଦାସ, ମିନାକ୍ଷୀ ପ୍ରଧାନ, ଜୟଶ୍ରୀ ମହାନ୍ତି, କାଉନ୍‌ସିଲର ବିଜୟଲକ୍ଷ୍ମୀ ବେହେରା, ନିରଞ୍ଜନ ନାୟକ, ସୁବାସ ଚନ୍ଦ୍ର ସାମନ୍ତରାୟ, ମହେନ୍ଦ୍ର କୁମାର ସାହୁ, ଅର୍ଜୁନ ପଣ୍ଡା, କୈଳାସ ସାହୁ, ରଞ୍ଜିତ ପ୍ରଧାନ, ଜାକିର ସାହା, ଅଭୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗଛରେ ମହିଳା, ଅଗ୍ନିଶମ ବାହିନୀ ନାକେଦମ୍

ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ବାଣୀପଦା ପଞ୍ଚାୟତରେ ଜଣେ ମହିଳାଙ୍କ ଅଜବ କାଣ୍ଡକୁ ନେଇ ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ମଙ୍ଗୁଳି ଅଞ୍ଚଳରେ ରହୁଥିବା ବାଣୀପଦା ଗ୍ରାମର ରଜନୀ ମୁଣ୍ଡା (୩୬) ସୋମବାର ଅପରାହ୍ନରେ ହଠାତ୍ ଗ୍ରାମରେ ଥିବା ଏକ ବରଗଛରେ ଚଢ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତଳକୁ ଓହ୍ଲାଇବାକୁ ଯେତେ କହିଲେ ସୁଦ୍ଧା ସେ ଓହ୍ଲାଇ ନ ଥିଲେ। ଫଳରେ ଲୋକମାନେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛରେ ଚଢ଼ି ମହିଳାଙ୍କୁ ତଳକୁ ଆଣି ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ପୋଲିସ ସମ୍ପୃକ୍ତା ମହିଳାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ୭୦ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ, ୧୧।୧୧(ସଚ୍ଚିଦାନନ୍ଦ ପଣ୍ଡା)

## କାର୍ତ୍ତିକର ଶେଷ ସୋମବାର



କାର୍ତ୍ତିକ ଶେଷ ସୋମବାରରେ ଚଳଚଞ୍ଚଳ ହୋଇଥିଲା କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ। ରାତି ସାଢେ ୩ଟାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ଠାକୁରଙ୍କ ସ୍ନାନ, ମଙ୍ଗଳଆଳତି ଅନ୍ୟାନ୍ୟ ନୀତି କରାଯାଇଥିଲା। ଠାକୁରଙ୍କୁ ପୁଷ୍ପରେ ସଜ୍ଜିତ କରାଯିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ହେଲେ ବୃଦ୍ଧାବୃଦ୍ଧ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରପକ୍ଷରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ପରେଶ ମହାନ୍ତି, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି ପ୍ରମୁଖ ପୀଠରେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ।



କଟକ ଶତାବ୍ଦୀ ଭବନରେ ହିନ୍ଦୁ ଏକତା ମଞ୍ଚ, ଭାରତ ଓ ଦେବାଳୟ ବିମୋଚନମ୍ ଉତ୍ର ଦେଶ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।



କଟକସ୍ଥିତ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ନାମରେ ବ୍ୟାପକ ଅର୍ଥ ଅନିୟମିତତା ଅଭିଯୋଗ ନେଇ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ପାତାଳୀ ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରରୁ ଆସିଲା ତୁଳସୀ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ପାତାଳୀ ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରରୁ ଅଁଳା ନବମୀ ତିଥିରେ ୩୨ ଝୁଡ଼ି ତୁଳସୀ ଶ୍ରୀକ୍ଷେତ୍ରକୁ କାଳିଆ ତୁଳସୀ ଯାତ୍ରା ନାମରେ ଆସିଛି। ଆଲାମଚଣ୍ଡି ମନ୍ଦିର ପାଖରୁ ସ୍ୱାଗତ କରି ଶ୍ରୀହରି ସତସଙ୍ଗ ସମିତି ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖରେ ଯାତ୍ରା ଆରମ୍ଭ କରିଥିଲେ। କାର୍ତ୍ତିକ ମାସର ବଡ଼ ଏକାଦଶୀ ତିଥିରେ ଶ୍ରୀବିଗ୍ରହମାନେ ଉକ୍ତ ତୁଳସୀ ଲାଗିହେବେ। ପାତାଳି ଶ୍ରୀକ୍ଷେତ୍ରକୁ ମହାପ୍ରଭୁ ମନେ ରଖିବେ ବୋଲି ଏହି ଭକ୍ତିଭାବ ରଖି ଭକ୍ତମାନେ ତୁଳସୀ ପଠାଇଥାନ୍ତି ବୋଲି ସତ୍‌ସଙ୍ଗ ସମିତିର ବାମଦେବ ନାୟକ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୧।୧୧।୨୦୨୪

| | |
|---|---|
| ୭,୮୧,୫୫୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ

ପୁରୀ, ୧୧।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅବକାଶ ନୀତି ସମ୍ପନ୍ନ ହେବା ପରେ ବଳଭଦ୍ରଙ୍କ ହରିହର ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଦର୍ଶନ ଦେଇଥିଲେ। ପ୍ରଭୁ ବଳଭଦ୍ରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହି ବେଶରେ ବଳଭଦ୍ର ଅର୍ଦ୍ଧେକ କଳା ଏବଂ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥିଲେ। ତାଙ୍କ ବାମ ପାର୍ଶ୍ୱକୁ କଳା ଓ ଡାହାଣ ପାର୍ଶ୍ୱକୁ ଧଳା ରଙ୍ଗର ବସ୍ତ୍ରରେ ସଜାଯାଇଥିଲା। ଏହି ବେଶରେ ବଡ଼ଠାକୁର ୩୨ ପ୍ରକାରରୁ ଊର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ।

### ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପ,୧୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ବାଲିସାହି ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ଜବତ ହୋଇଛି। ମୃତକ ହେଲେ ପ୍ରଦୀପ୍ତ କୁମାର ବେହେରା(୨୮)। ଏନେଇ ପୋଲିସ ୩୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ଗୋପ ପୋଲିସ କହିଛି। ପ୍ରକାଶ ଯେ, କିଛିଦିନ ଧରି କୌଣସି କାରଣକୁ ନେଇ ପ୍ରଦୀପ୍ତଙ୍କ ପରିବାରରେ ପାଟିତୁଣ୍ଡ ଲାଗି ରହିଥିଲା। ଏପରିକି ୨/୩ ମାସ ତଳେ ସ୍ୱାମୀ-ସ୍ତ୍ରୀଙ୍କ ବିବାଦକୁ କେନ୍ଦ୍ରକରି ପ୍ରଦୀପ୍ତଙ୍କ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ପ୍ରଦୀପ୍ତ ପୁରୀ ପୋଲିସ ପିସିଆର୍ ଗାଡ଼ି ଚଳାଉଥିବାବେଳେ ରବିବାର ଘରକୁ ଆସିଥିଲେ। ଖାଇ ସାରି ସେ ରାତିରେ ଶୋଇଥିଲେ। ସୋମବାର ସକାଳୁ ସେ ଘରର କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ। ଏହାପରେ ତାଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୋପ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପ୍ତଙ୍କ ସ୍ତ୍ରୀ ବାପଘରେ ଥିବାବେଳେ ତାଙ୍କର ଏକମାତ୍ର ସନ୍ତାନ ଥିବା ଜଣାପଡ଼ିଛି।

# ଗୋମାତାଙ୍କୁ ପୂଜିଲେ ପ୍ରାଣୀ ସମ୍ପଦ ମନ୍ତ୍ରୀ

## ଜିଲ୍ଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

କଣାସ,୧୧।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡବଡପୁଟ ପଞ୍ଚାୟତ ଡେଲାଙ୍ଗ ଚାରିପଡ଼ା ଗ୍ରାମରେ ସୋମବାର ପୁରୀ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରି ସର୍ବପ୍ରଥମେ ଗୋମାତାଙ୍କୁ ପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ଜିଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ,



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୋମାତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

ପ୍ରାଣୀଧନ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ହାଡିବନ୍ଧୁ ଭୋଇ, ସିଡିଭିଓ ଡା. ଶରତ ଚନ୍ଦ୍ର ବେହେରା, ଏଡିଭିଓ ଡା. ବିଶ୍ୱରଞ୍ଜନ ବେହେରା, ଏଡିଭିଓ ଡା. ରମେଶ ପାଣିଗ୍ରାହୀ, ଏଡିଭିଓ ଡା. ସତ୍ୟବ୍ରତ ଦାସ, ବିଭିଓ ପିପିଲି ଡା. ଆଲୋକ ମିଶ୍ର, ବିଭିଓଓ ଡା. ବନିକାନ୍ତ ଖଟୁଆ, ବିଭିଓଓ ଡେଲାଙ୍ଗ ଡ. ସୋମନାଥ ଦାସ, ଏଭିଏଏସ୍ କଣାସ ଡ. ଅନୁଗତ ଜେନା, ଜିଏଏସ୍ କଣାସ ଡ. ସୌମ୍ୟାଶାଶ୍ୱତୀ ଦାସ ପ୍ରମୁଖ ଯୋଗଦେଇଥିଲେ। କୃଷକ, ମହିଳାଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗୋ ଚାଷ, ଛେଳି, ମେଣ୍ଢା, ବତକ, କୁକୁଡ଼ା ଚାଷ ସହିତ ସମସ୍ତ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ମନ୍ତ୍ରୀ ମଲ୍ଲିକ ଅନୁରୋଧ କରିଥିଲେ, ଯଦ୍ଦ୍ୱାରା କି ଏହି ସବୁ ଚାଷ କରିବାକୁ ଆପଣମାନଙ୍କ ଗ୍ରାମ ନିକଟ ବ୍ୟାଙ୍କ ପୂର୍ଣ୍ଣ ସହଯୋଗ କରିବ ବୋଲି ମନ୍ତ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ। ଚାଷୀ ରଖିଥିବା ଗାଈମାନଙ୍କୁ ଗୋ ସମ୍ବର୍ଦ୍ଧନା ଉତ୍ସବ ସ୍ଥଳକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗାଈଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କୁନି ମୁଷ୍ଟିଯୋଦ୍ଧାମାନଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ଦର୍ଶକଙ୍କୁ ବିଭୋର କଲା ସାଂସ୍କୃତିକ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧୧।୧୧
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପବିତ୍ର ଅଁଳା ନବମୀ ଓ ବଡ଼ଏକାଦଶୀ ଉପଲକ୍ଷେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀରାଧା ଉତ୍ସବ ଚାଲିଛି। ସୋମବାର ଦ୍ୱିତୀୟ ଦିବସରେ ଅନିତା କଲ୍‌ଚରାଲ ଏକାଡେମୀ ପୁରୀ ଦ୍ୱାରା ପ୍ରସ୍ତୁତ ଆଧ୍ୟାତ୍ମିକ ନାଟକ ଶ୍ରୀକୃଷ୍ଣ ସୁଦାମା ପରିବେଷଣ କରାଯାଇଥିଲା। ଏହି ନାଟକ ସମେତ ନୃତ୍ୟ ସଙ୍ଗୀତକୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବୀଣାପାଣି ଡ୍ୟାନ୍ସ ଏକାଡେମୀ କେନ୍ଦୁଝର, ପଲ୍ଲବୀ କଲଚରଲ ଏକାଡେମୀ ଡେଲାଙ୍ଗ, ଅନିତା କଲଚରଲ ଏକାଡେମୀ ପୁରୀ ଏବଂ ଆମର ପୁରୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପରିବେଷଣ କରଯାଇଥିଲା। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରିକ୍ରମା ପ୍ରକଳ୍ପ ଦେଖିଲେ ଆଇଏଏସ୍ ଶିକ୍ଷାନବିସ

## ମାର୍ଗଦର୍ଶନ ଦେଲେ ପୁରୀ ଜିଲାପାଳ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)-୨୦୨୩ ବ୍ୟାଚର ୧୨ଜଣ ଶିକ୍ଷାନବିସ (ପ୍ରୋବେସନର) ପୁରୀ ଜିଲା ଗସ୍ତରେ ରହିଛନ୍ତି। ସେମାନେ ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବିଭାଗର କାର୍ଯ୍ୟ, ବିପଣୀ କେନ୍ଦ୍ର, ପର୍ଯ୍ୟଟନସ୍ଥଳ ଇତ୍ୟାଦି ପରିଦର୍ଶନ କରି ଜ୍ଞାନ ଆହରଣ କରିବେ। ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ସମସ୍ତ ଶିକ୍ଷାନବୀଶ ଆଲୋଚନା କରିଥିଲେ। ଜଣେ ଆଇଏଏସ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର, ସମସ୍ୟା ଓ ତାହାର ସମାଧାନ, ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ଜିଲାପାଳ ସ୍ୱାଇଁ ଅବଗତ କରାଇଥିଲେ। ପୁରୀର ବିଭିନ୍ନ ପ୍ରକଳ୍ପ ଓ ପର୍ଯ୍ୟଟନସ୍ଥଳର ବିକାଶକୁ ଅନୁଧ୍ୟାନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଶିକ୍ଷାନବିସମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ଅପରାହ୍ନରେ ଜିଲା ସ୍କୁଲ ପରିଦର୍ଶନ ସହ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଶିକ୍ଷାନବିସମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଓ ଆଇଏଏସ୍ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଶିକ୍ଷାନବୀଶ ଶୁଭନ ଶର୍ମା, ଦୀପିକା ଗୌତମ, ଭାରତ ପ୍ରଦୀପ ଡି, ଏମ୍‌ଡି ତବିସ ହାସନ, ପନ୍ନା କରନ କୁମାର ମାନସୁଖଭାଇ, ଦେଶମୁଖ ରାଜଶ୍ରୀ ସାନ୍ତାରାମ, ରିତୁ ଯାଦବ, ପଟେଲ ଅମିତେଶ କମଲେଶ ଭାଇ, ମୁକିଲାନ ଆର୍, ଅଭିଵ ସାଂଘିର, ରାଣା ଦେ, ସଚିତ ସିଂ ଏହି ଗସ୍ତରେ ସାମିଲ ଅଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହିଗସ୍ତ ସମୟରେ ସେମାନଙ୍କୁ ସହଯୋଗ ଯୋଗାଇ ଦେଇଥିଲେ।

# ଜିଏଚ୍‌ଆର୍‌ଟି ଓଡ଼ିଶା ରାଜ୍ୟ ସଭାପତି ହେଲେ ମାନସ

ନିମାପଡ଼ା,୧୧।୧୧(ଚିତ୍ତରଞ୍ଜନ ସାହୁ)

ନିମାପଡ଼ା ମାଟିର ପୁଅ ପ୍ରଫେସର ମାନସ କୁମାର ଦାଶ ଗ୍ଲୋବାଲ ମାନବ ଅଧିକାର ଟ୍ରଷ୍ଟ (ଜିଏଚ୍‌ଆର୍‌ଟି)ର ଓଡ଼ିଶା ରାଜ୍ୟ ସଭାପତି ଭାବେ ମନୋନୀତ ହୋଇ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଡ. ଦାଶଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଗ୍ଲୋବାଲ ମାନବ ଅଧିକାରୀ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା ତେଲେଙ୍ଗାନାର ସାରସ୍ୱତ ସଂସ୍ଥାନଠାରେ ଅନ୍ତର୍ଜାତୀୟ ଶାନ୍ତି ସମ୍ମିଳନୀ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଦେଶବିଦେଶରୁ ବହୁ ପ୍ରତିଷ୍ଠିତ ଶିକ୍ଷାବିତ୍, ବୁଦ୍ଧିଜୀବୀ, କଳାକାର, ସ୍ୱାସ୍ଥ୍ୟ ବିଶେଷଜ୍ଞ, କୂଟନୀତିଜ୍ଞ, ସାମାଜିକ




କର୍ମୀ ଯୋଗଦେଇଥିଲେ। ସମ୍ମିଳନୀରେ ଦେଶର ପ୍ରାୟ ୫୦ ଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ, ବରିଷ୍ଠ ଆଇନଜ୍ଞ ପ୍ରଫୁଲ୍ଲ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମ୍ମିଳନୀରେ ନିମାପଡ଼ା ବ୍ଲକ ବାମନାଳ ଗ୍ରାମର ପ୍ରଫେସର ଡ. ମାନସ ଦାଶଙ୍କୁ ଜିଏଚ୍‌ଆର୍‌ଟିର ଓଡ଼ିଶା ରାଜ୍ୟ ସଭାପତି ଭାବେ ଗ୍ଲୋବାଲ ଏକ୍ସଲେନ୍ସ ବୁକ୍ ଅଫ୍ ରେକର୍ଡ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଶ୍ରୀଲଙ୍କା ଯୁଥ୍ ପାର୍ଲାମେଣ୍ଟ ଉପମନ୍ତ୍ରୀ ବୈଦେଶିକ ବିଭାଗ, ଭାରତ ସରକାରଙ୍କ ଟେଲିକମ୍ ବିଭାଗ ମନ୍ତ୍ରୀ ପରିଷଦର ସଦସ୍ୟ, ଜିଏଚ୍‌ଆଇଟିର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତଥିଲେ ।

### ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି):

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୦ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭୭ଟି ବ୍ୟକ୍ତିଗତ, ୯ଟି ଗ୍ରାମ୍ୟ ସମ୍ପର୍କିତ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ରେଡ୍‌କ୍ରସ ସହାୟତା ପାଇଁ ୨ଟି ଲେଖାଏ ଆବେଦନ ମିଳିଥିଲା। ତତକ୍ଷଣାତ ୨୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗଦେଇଥିଲେ।

# ପୁରୀ ଜିଲା ଚେସ୍ କୋଚିଂ କ୍ୟାମ୍ପ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ସୋମବାର ପୁରୀ ଜିଲା ଚେସ୍ କୋଚିଂ କ୍ୟାମ୍ପର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ କ୍ରୀଡ଼ା ଶୃଙ୍ଖଳା ଓ ସଂଯମତା ଶିକ୍ଷା ଦେଇଥାଏ। ଚେସ୍ ଖେଳ ବୁଦ୍ଧିମତ୍ତା, ଆତ୍ମବିଶ୍ୱାସକୁ ବୃଦ୍ଧି ସହ ମସ୍ତିଷ୍କ ସ୍ଥିର ରଖିବାରେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ଚେସ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ମୋ ସ୍କୁଲ ଅଭିଯାନର ସଭାପତି ରମାବଲ୍ଲଭ ମହାପାତ୍ର, ପୁରୀ ଜିଲା ଚେସ ସଂଘର ଯୁଗ୍ମସମ୍ପାଦକ ଦେବାଶିଷ ମିଶ୍ର, ଶୁଭଶ୍ରୀ ଦାସ, ପରିଚାଳନା କମିଟି ସଦସ୍ୟ ପ୍ରଜ୍ଞା ପରମିତା ନନ୍ଦ, ଅଲ୍ ଓଡ଼ିଶା ଚେସ ସଂଘର ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ଚେସ ସଂଘ ସମ୍ପାଦକ ମିଶ୍ର କହିଛନ୍ତି, ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଚେସ୍ କ୍ୟାମ୍ପରେ ଜିଲାର ସମସ୍ତ ସ୍କୁଲ ପିଲାଙ୍କ ପାଇଁ ମାଗଣାରେ ଶିକ୍ଷା ଦିଆଯିବ। ଦୁଇବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ସପ୍ତାହର ଗୁରୁବାର ଓ ଶୁକ୍ରବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯିବ। ପରେ ଅତିଥି ଓ ଛାତ୍ରୀଛାତ୍ରମାନେ ଚେସ୍ ଖେଳକୁ ଉପଭୋଗ କରିଥିଲେ।

# ଜାତୀୟ ମିଡିଆ ଫାଉଣ୍ଡେଶନ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି):

ଭାରତକୁ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ଗଢ଼ିତୋଳିବା ସହ ଜନଗଣଙ୍କ ସମସ୍ୟାର ସମାଧାନ ପାଇଁ ସରକାର ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସଂକଳ୍ପବଦ୍ଧ ହେବାକୁ ସ୍ତମ୍ଭକାର ତଥା କଥାକାର ବଦ୍ରି ମିଶ୍ର କହିଛନ୍ତି। ପୁରୁଷୋତ୍ତମ ଭକ୍ତନିବାସରେ ଜାତୀୟ ମିଡିଆ ଫାଉଣ୍ଡେଶନ ପକ୍ଷରୁ ପୁରୀରେ ତିନିଦିନ ଧରି ଚାଲିଥିବା ମିଡିଆ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ମିଶ୍ରଙ୍କ ସମେତ ଅତିଥିଭାବେ ନୂଆଦିଲ୍ଲୀର ବରିଷ୍ଠ ସାମ୍ବାଦିକ ଓମ୍‌ପ୍ରକାଶ ଯାଦବ ଓ ଜାତୀୟ ସଭାପତି ରାଜେନ୍ଦ୍ର ଜୈନ ଯୋଗଦେଇ ବିଭିନ୍ନ ରାଜ୍ୟର ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦୀର୍ଘ ୧୬ବର୍ଷ ଧରି ପୁରୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଓ ମଧୁସ୍ମିତା ରଥଙ୍କୁ ଜାତୀୟ ମିଡିଆ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ରଶ୍ମିରଞ୍ଜନ ଦାଶ, ଖବରଦାତା ରଞ୍ଜନ କୁମାର ସାହୁ, ଗଙ୍ଗା ନାରାୟଣ ନନ୍ଦ ଓ ଅନିଲ ସାହୁ ପରିଚାଳନା କରିଥିଲେ।

# ୧୪ରୁ ୫ଦିନିଆ ବୋଇତ ବନ୍ଦାଣ ଉତ୍ସବ



ଅସ୍ତରଙ୍ଗ,୧୧।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଉତ୍କଳୀୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଚଳିତ ବର୍ଷଠାରୁ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହେବାକୁ ଯାଉଛି। ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ନିକଟବର୍ତ୍ତୀ ବିଜୁ ସେତୁ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀପଠାରେ ଆସନ୍ତା ୧୪ ତାରିଖରୁ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହେବ। ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା ଓ ରବି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତାଳଦା ପଞ୍ଚାୟତ, ତରାସାହି ଗ୍ରାମବାସୀ, ବୁଦ୍ଧିଜୀବୀଙ୍କୁ ନେଇ ସୋମବାର ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ୧୫ ତାରିଖ ସକାଳୁ ଦେବୀ ନଦୀପଠାରେ ଉପସ୍ଥିତ ଅତିଥିଙ୍କ ଗହଣରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇବ। ୫ ଦିନ ବ୍ୟାପୀ ଅସ୍ତରଙ୍ଗ ଓ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଞ୍ଚଳବାସୀଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇବ ମୀନା ବଜାର। ବୈଠକରେ ସଭାପତି ବିଜୟ କୁମାର ପଢ଼ିଆରୀ, ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧ୍ୟକ୍ଷ ଦିବାକର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଜନପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଆଜି ଗୋପ ବ୍ଲକ ସମିତି ବୈଠକ

ଗୋପ,୧୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜନୈତିକ ବିବାଦକୁ ନେଇ ବସି ପାରୁ ନ ଥିବା ଗୋପ ବ୍ଲକ ସମିତି ବୈଠକ ଦୀର୍ଘଦିନ ପରେ ମଙ୍ଗଳବାର ବସିବ । ତେବେ ବୈଠକରେ ନିମାପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବେ ନାହିଁ ବୋଲି ଜଣାପଡ଼ିଛି । ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଥିବାରୁ ସେ ସମିତି ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ପରିଡା କହିଛନ୍ତି। ଆମ ସରକାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି।

# ହାପିନେସ୍ ଫାଉଣ୍ଡେଶନକୁ 'ପ୍ରକୃତି ମିତ୍ର' ପୁରସ୍କାର

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀର ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେଶନକୁ ଚଳିତବର୍ଷ 'ପ୍ରକୃତି ମିତ୍ର' ପୁରସ୍କାର ସହିତ ୨୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନୂଆନଈସ୍ଥିତ ପ୍ରକୃତି ନିବାସଠାରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ବନଖଣ୍ଡ ଅଧିକାରୀ ବିବେକ କୁମାର ଓ ସହକାରୀ ବନ ସଂରକ୍ଷକ ଉତ୍ତମ କୁମାର ଗଡନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ପରିସର, ଗ୍ରାମ, ମନ୍ଦିର, ରାସ୍ତା ପାର୍ଶ୍ୱରେ ଚାରାରୋପଣ ଠାରୁ ଆରମ୍ଭ କରି ପରିବେଶ ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ କରାଯାଇଆସୁଛି। ପଶୁପକ୍ଷୀଙ୍କ ପାଇଁ ପାଣିକୁଣ୍ଡ ବ୍ୟବସ୍ଥା, ରକ୍ତଦାନ ଶିବିର, ସଚେତନତା କାର୍ଯ୍ୟକ୍ରମ ଓ ଜଳସେବା ଶିବିର ଆୟୋଜନ ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ବଣ୍ଟନ କରାଯାଇଥାଏ। ଏହି ପୁରସ୍କାର ଆଗକୁ ଯିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସଭାପତି ପ୍ରଧାନ କହିଛନ୍ତି।




ହାପିନେସ୍ ଫାଉଣ୍ଡେଶନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି ।

# ଅଁଳା ନବମୀ ପାସ୍ ବଣ୍ଟନରେ ବିଭ୍ରାଟ: ଥାନାରେ ଏତଲା

## ଅବ୍ୟବସ୍ଥା ନେଇ ପ୍ରଶାସନକୁ ଦୋଷ ଦେଲେ ଲୋକେ

ସାକ୍ଷୀଗୋପାଳ,୧୧।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପବିତ୍ର ଅଁଳାନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବା ପୂର୍ବରୁ ସୂଚନା ଦିଆଯାଇଥିଲା। ତେବେ ପ୍ରଶାସନର ପରିଚାଳନାଗତ ତ୍ରୁଟି ଯୋଗୁ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମନ୍ଦିରଠାରୁ ଦୋଳବେଦି ପର୍ଯ୍ୟନ୍ତ ଛାୟାପ୍ରଦ ବ୍ୟାରିକେଡ୍ ବ୍ୟବସ୍ଥା ଥିବାବେଳେ ଅନ୍ୟ ଧାଡ଼ିରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁମାନେ ଖରାରେ ଶିଝିବା ସହ ପିଇବାପାଣି ପାଇଁ ଡହଳବିକଳ ହୋଇଥିଲେ। ମନ୍ଦିର ସମ୍ମୁଖ ଭାଗ ବ୍ୟତୀତ ଅନ୍ୟ ଧାଡ଼ିର ଶ୍ରଦ୍ଧାଳୁମାନଙ୍କ ପ୍ରତି ପ୍ରଶାସନ ସତେ ଯେପରି ଆଖିବୁଜିଦେଇଥିଲା। ସେହିପରି ପାସ୍ ବଣ୍ଟନରେ ବିଭ୍ରାଟ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ୩ହଜାର ପାସ୍ ବଣ୍ଟା ଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଉଭୟ ଗେଟ୍‌ରେ ପ୍ରାୟ ୫୦ ହଜାର ଲୋକ ପାସ୍ ଧରି ପ୍ରବେଶ କରିଥିଲେ। କିଏ ଅସଲି ଓ କିଏ ନକଲି ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଥିଲା। ଫଳରେ ଠେଲାପେଲା ସାଙ୍ଗକୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ମୁତୟନ ଥିବା ଅଳ୍ପସଂଖ୍ୟକ ପୋଲିସ କର୍ମଚାରୀ ତାହାକୁ ରୋକିପାରି ନ ଥିଲେ। ଭିଆଇପି ପାସ୍‌ର ଦୁରୁପଯୋଗ ଅଭିଯୋଗ ଆଣି ସତ୍ୟବାଦୀ ବ୍ଲକ ଭାଜପା ମଣ୍ଡଳ ସଭାପତି ଉମେଶ କୁମାର ପ୍ରଧାନ ସୋମବାର ଥାନାରେ ଏତଲା ଦେଇଛନ୍ତି। ସେ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ପ୍ରଶାସନ ଓ ପୋଲିସକୁ ଲୋକେ ଦାୟୀ କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଅଲି ସାହୁ ଠାକୁରଙ୍କ ଦର୍ଶନ କରି ନ ପାରି ମନଦୁଃଖରେ ଫେରିଯାଉଥିବା କ୍ଷୋଭର ସହ କହିଥିବାବେଳେ ଛୋଟପିଲା ଧରି ପୁରୀରୁ ଆସିଥିବା ସୁନୀତା ମିଶ୍ର ଭିଡ଼ ଯୋଗୁ ହଇରାଣ ହୋଇଥିବା ପ୍ରକାଶ କରିଥିଲେ। ଦୋଳବେଦିଠାରୁ ରେଲୱେ ଲେଭଲ କ୍ରସିଂ ଓ ଷ୍ଟେଶନ ପର୍ଯ୍ୟନ୍ତ ଧାଡ଼ି ପୋଲିସ କଣ୍ଟ୍ରୋଲରେ ନ ଥିଲା ବୋଲି ଅନେକେ ମତ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଥିଲେ ମଧ୍ୟ ପୋଲିସ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥିଲା। ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ କରାଗଲେ ଅବ୍ୟବସ୍ଥା ସାମ୍ନାକୁ ଆସିବ ବୋଲି ଆଇନଜୀବୀ ଗୁଣ୍ଡିଚା ବରାଳ କହିଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ମନ୍ଦିର ଭିତରେ ଓ ବାହାରେ ବୁଲି ବୁଲି ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ରହିବା ପାଇଁ ହାତ ଯୋଡ଼ି ନିବେଦନ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। କାରଣ ଭିଡ଼ ଭିତରେ କେହି କିଛି ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଧାଡ଼ିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେବା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଜାମ୍ ରଖିବା ସହ ଜଳସିଞ୍ଚନ ପାଇଁ ଯାଉଥିବା ଅଗ୍ନିଶମ ଗାଡ଼ିକୁ ବାଟ ଛାଡ଼ି ନ ଥିଲେ। ଏପରିକି ଡ୍ରାଇଭରଙ୍କୁ ଠେଲାପେଲା ଓ ଗାଳିଗୁଲଜ କରିଥିବା ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର କହିଛନ୍ତି। ସେହିପରି ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ତିନିଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିପାଇଁ ସେଠାରେ ଜନସମାଗମକୁ ଦୃଷ୍ଟିରେ ରଖି ବକୁଳବନ ପାଚେରି ପାର୍ଶ୍ୱରେ କୌଣସି ଉଠାଦୋକାନ କରିବାକୁ ଦିଆଯିବ ନାହିଁ ବୋଲି ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ନିଷ୍ପତ୍ତି କାର୍ଯ୍ୟକାରୀ କେବଳ ନାମକୁ ମାତ୍ର ଥିଲା। ସମ୍ପୃକ୍ତ ସ୍ଥାନରେ ଦୋକାନ ବସିଥିବାରୁ ରାସ୍ତା ସଂକୀର୍ଣ୍ଣ ହେବା ସହ ସନ୍ଧ୍ୟାରେ ଗହଳି ହେଉଛି। ଯାତାୟାତରେ ସମସ୍ୟା ଉପୁଜୁଛି। ତେଣୁ ମନ୍ଦିରର ବରିଷ୍ଠ ସେବାୟତ ହୃଷିକେଶ ମହାପାତ୍ର ଏବଂ ଅନ୍ୟ ସେବାୟତମାନେ ପ୍ରଶାସନର ଏଭଳି ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ତେବେ କେଉଁଠି ତ୍ରୁଟି ରହିଲା, ସେ ସମ୍ପର୍କରେ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ନିରାକାରପୁର,୧୧।୧୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ନିରାକାରପୁର ଥାନା ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ମୁସଲିମ ସାହିର ମହମ୍ମଦ ଆସିଫ ଓରଫ ଆସିକ୍। ତାଙ୍କ ନାମରେ ଚୋରି, ଡକାୟତି, ରାହାଜାନୀ, ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ବିଭିନ୍ନ ସମୟରେ ଭୟଭୀତ କରିବା ଆଦି ମାମଲା ବିଭିନ୍ନ ଥାନାରେ ରହିଛି। ଏନେଇ ଖୋର୍ଦ୍ଧା କୋର୍ଟ, କଣାସ ଏବଂ ଟାଙ୍ଗୀ ଗ୍ରାମୀଣ ନ୍ୟାୟାଳୟ ପକ୍ଷରୁ ଆସିଫଙ୍କ ନାମରେ ଏନ୍‌ବିଡବ୍ଲୁ ଜାରି ହୋଇଥିଲା। କୌଣସି ସୂତ୍ରରୁ ଖବରପାଇ ନିରାକାରପୁର ପୋଲିସ ତାଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲା।

### ୨୧.୧୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ଶିଳ୍ପାଞ୍ଚଳ ଥାନା ପୋଲିସ ସୋମବାର ଜଟଣୀ ବାଇପାସ୍ ରୋଡ୍ ଗୋଶାଳା ପଡ଼ିଆରେ ଚଢ଼ାଉ କରି ୨୧.୧୬ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶାଗୁଆନ ବଗିଚା ଅଞ୍ଚଳର ସନ୍ତୋଷ ରାଉତରାୟ ଓରଫ ପିଣ୍ଟୁ(୨୫)। ଏଥିସହ ତାଙ୍କ ନିକଟରୁ ଦୁଇଟି ବାଇକ୍ ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ମାମଲା(ନଂ.୨୫୪/୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗୋଶାଳା ପଡ଼ିଆଠାରେ ବ୍ରାଉନ୍‌ସୁଗାର କାରବାର ହେବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଗାଡ଼ି ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

୧୬ନମ୍ବର ଜାତୀୟ ରାଜପଥର ବରୁଣେଇ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ବରୁଣେଇ ଓଭରବ୍ରିଜ ନିକଟରେ ଗାଡି ପାର୍କିଂ କରି ଶୌଚ ହେବା ନିମନ୍ତେ ଟ୍ରକ ଚାଳକ ଜଣଙ୍କ ରାସ୍ତାପାର ହେଉଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ‘ଶିକ୍ଷା ହିଁ ରାଷ୍ଟ୍ରର ହୃତ୍‌ପିଣ୍ଡ’

## ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଜାତୀୟ ଶିକ୍ଷା ଦିବସ

ବେଗୁନିଆ,୧୧।୧୧(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଏବଂ ଶିକ୍ଷକ ନବକିଶୋର ସାହୁ ସ୍ମୃତି ସଂସଦ ପକ୍ଷରୁ ମିଳିତ ସହଯୋଗରେ ସୋମବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ ସ୍ମୃତି ସଂସଦର ସଭାପତି ଡ. ହରି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୂଆସାହି ସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ.ସତ୍ୟକାମ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ସୁସାହିତ୍ୟିକ ତଥା ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସ୍ୱାଇଁ ବକ୍ତା ଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବଦୁଲ କଲାମ ଆଜାଦଙ୍କ ୧୩୬ତମ ଜନ୍ମତିଥି ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଞ୍ଚଳର ଶିକ୍ଷକ ସ୍ୱର୍ଗତ ନବକିଶୋରଙ୍କ ଅମ୍ଳାନ ସ୍ମୃତିରେ ଅନୁଷ୍ଠିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସମାରୋହକୁ ଉତ୍ସର୍ଗ କରାଗଲା ବୋଲି ମଞ୍ଚରେ ସଭାପତି ଦାସ କହିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଓ ଗାୟକ ବସନ୍ତ କୁମାର ଦାସଙ୍କ ଦ୍ୱାରା ବେଦ ପାଠ ଓ କୋରାନ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ପାଣିଗ୍ରାହୀଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ର ସଞ୍ଜୟ କୁମାର ଏବଂ ଛାତ୍ରୀ ବୀଣାପାଣି ଶିକ୍ଷା ସଙ୍ଗୀତ ଗାନ କରିଥିଲେ। ‘ଶିକ୍ଷା ହିଁ ରାଷ୍ଟ୍ରର ହୃତପିଣ୍ଡ’ ଶୀର୍ଷକ ଆଲୋଚନା କରାଯାଇଥିଲା। ପୂର୍ଣ୍ଣ ମାନବୀୟ କ୍ଷମତାପ୍ରାପ୍ତ କରିବା ପାଇଁ ଏକ ନ୍ୟାୟ ସଙ୍ଗତ ଓ ସମାନତା ଯୁକ୍ତ ସମାଜର ବିକାଶ ତଥା ରାଷ୍ଟ୍ରୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଲା ଶିକ୍ଷା। ଗୁଣାତ୍ମକ ଶିକ୍ଷା ପାଇଁ ସାର୍ବଜନୀନ ସୁଯୋଗ ସୃଷ୍ଟି କରିବା ପାଇଁ ଭାରତ ବର୍ଷ ସର୍ବଦା ପ୍ରଚେଷ୍ଟା ଜାରି ରଖିଛି। ବ୍ୟକ୍ତିବିଶେଷ, ସମାଜ, ଦେଶ ଏବଂ ବିଶ୍ୱର ହିତ ପାଇଁ ଆମ ଦେଶର ସମୃଦ୍ଧ ପ୍ରତିଭା ସମସ୍ତ ରାଷ୍ଟ୍ରରେ ଜାଗରଣ ସୃଷ୍ଟି କରିଛି। ତେଣୁ ସମସ୍ତ ରାଷ୍ଟ୍ରରେ ସାର୍ବଜନୀନ ଓ ସର୍ବୋଚ୍ଚୀକରଣ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଡା.ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ମିଶ୍ର, ଡ.ଅଖିଳେଶ ପ୍ରସାଦ ପଣ୍ଡା, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ଗୌରଚରଣ ସାମନ୍ତସିଂହାର, ଡ.ବନବିହାରୀ ମହାପାତ୍ର, ଇଂ.ପ୍ରଦୀପ କିଶୋର ସାହୁ, ଇଂ.ପ୍ରକାଶ କିଶୋର ସାହୁ, ସାମାଜିକ କର୍ମୀ ମୈଉଦ୍ଦିନ ଅହମ୍ମଦ, କୈଳାସ ଚନ୍ଦ୍ର ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର, ପ୍ରଦୀପ କିଶୋର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା, କୈଳାସ ନାଥ ସୁବୁଦ୍ଧି, ଶ୍ରୀବତ୍ସ ପାଣିଗ୍ରାହୀ, କଳ୍ପତରୁ ପଣ୍ଡା, ଗଗନ ବିହାରୀ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ କାର୍ଯ୍ୟକ୍ରମ ଆବାହିକା ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ସାହୁ ଧନ୍ୟବାଦ ଦେଇଥିଲେ।

# ବଳଭଦ୍ର ବେଶରେ ଦର୍ଶନ ଦେଲେ ନୀଳକଣ୍ଠେଶ୍ୱର

ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜସୁନାଖଳା ସ୍ଥିତ ନୀଳକଣ୍ଠେଶ୍ୱର ଦେବ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାରରେ ଭିନ୍ନଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ନୀଳକଣ୍ଠେଶ୍ୱର ଦେବ ବଳଭଦ୍ର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁଙ୍କ ଏହି ବେଶ ଦର୍ଶନ ପାଇଁ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁ ଏବଂ ବ୍ରତଧାରୀଙ୍କ ଭିଡ଼ ରହିଥିଲା। ସେହିପରି ପଞ୍ଚକରେ ନୃସିଂହ, କାଳୀ, ହନୁମାନ, ମହାକଳ ଏବଂ କାଳଭୈରବୀ ବେଶରେ ପୂଜାପାଇ ନୀଳକଣ୍ଠେଶ୍ୱର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। କାର୍ତ୍ତିକ ମାସ ସୋମବାର ଶିବଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ପୂଜକ ରାକେଶ ରୋଶନ ମହାପାତ୍ର କହିଛନ୍ତି।



# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା


ବିଚାରକମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବେଗୁନିଆ,୧୧।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ରମାମଣୀ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଦିଲୀପ କୁମାର ସାଥୁଆ, ସାରୁଅ ଓ ଜୟମଙ୍ଗଳ ପଞ୍ଚପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର ବିଚାରକଭାବେ ଯୋଗଦେଇଥିବା ବେଳେ ୭୨ ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଛି। ପୁରସ୍କାର ବିତରଣ ସଭାରେ ପରିଚାଳନା କମିଟିର ସଭାପତି ପ୍ରଭାତ କୁମାର ନାୟକ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଉମା ବେହେରା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ କମିଟିର ମୁଖ୍ୟ ଅମିୟ ରଞ୍ଜନ ମଲ୍ଲିକ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ, ମିତା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ‘ଆଖିଲୁହକୁ ମୁଁ କରିଛି ସାଥୀ’ ନାଟକ ମଞ୍ଚସ୍ଥ

ନିରାକାରପୁର,୧୧।୧୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ସରପାରୀ ପଞ୍ଚାୟତର ମା’ଭଗବତୀ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ରବିବାର ‘ଆଖିଲୁହକୁ ମୁଁ କରିଛି ସାଥୀ’ ନାଟକ ମଞ୍ଚସ୍ଥ ହୋଇଯାଇଛି। ସାମାଜିକ କର୍ମୀ ଗୟାଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦଳେଇ, ଛାତ୍ରନେତା ଭବାନୀ ଶଙ୍କର ବରିଶଲ, ଦିଲୀପ କୁମାର ହୋତା, ବିଭୂ ବଳିୟାରସିଂହ, ବାଙ୍କନିଧି ସାହୁ, ବେଣୁଧର ସାହୁ, ପ୍ରଦ୍ୟୁମ୍ନ ଜଗଦ୍ଦେବ, ଦୀନବନ୍ଧୁ ସାହୁ, ସୂର୍ଯ୍ୟପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମର କଳାକାରମାନଙ୍କ ଦ୍ୱାରା ପରିବେଷିତ ନାଟକ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ନାଟ୍ୟକାର କୈଳାସ ମହାପାତ୍ର ନାଟକକୁ ରଚନା କରିଥିବା ବେଳେ ଲିଟିଲ ମାଷ୍ଟର ପ୍ରିୟବର୍ତ୍ତ ହରିଚନ୍ଦନ ନିର୍ଦ୍ଦେଶନା ଦେଇଥିଲେ। ମୁଖ୍ୟ ପରିଚାଳକ ବାଙ୍କନିଧି ସାହୁ, ପ୍ରଭାତ କୁମାର ସାହୁ, ଶରତ ମହାରଣା, ସୁଦାମ ଚରଣ ସାହୁ, ଅଭିମନ୍ୟୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ନାଟକ ମଞ୍ଚସ୍ଥ ପୂର୍ବରୁ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଯୁବକମାନେ ବିପ୍ଳବୀ ହେଲେ ସମାଜର ପରିବର୍ତ୍ତନ ହେବ

ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳି ସ୍ଥିତ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ସ୍ଥାନୀୟ ନିର୍ବାଚନମଣ୍ଡଳୀ ଅଖିଳ ଭାରତ ଯୁବସଂଘର ସାଧାରଣ ଅଧିବେଶନ ସୁଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟ, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀ, ସିପିଏମର ବରିଷ୍ଠ ନେତା ସୁରେଶ ପାଣିଗ୍ରାହୀ, ଶିକ୍ଷକନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ ଯୁବକମାନେ ଦେଶ, ରାଜ୍ୟ ଏବଂ ଅଞ୍ଚଳର ଭବିଷ୍ୟତ। ସମାଜରେ ଘଟୁଥିବା ଦୁରାଚାର, ବ୍ୟଭିଚାର, ଅନ୍ୟାୟ, ଅନୀତି, ସାମ୍ପ୍ରଦାୟିକତା, ବିଦ୍ୱେଷ ଓ ବେକାରିସମସ୍ୟା ସମାଧାନ ନିମନ୍ତେ ଯୁବକମାନେ ବିପ୍ଳବ ମାଧ୍ୟମରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରି ସମାଜ ପରିବର୍ତ୍ତନ କରିପାରିବେ। ଅଧିବେଶନରେ ଆଗାମୀ ଦିନରେ ନିଯୁକ୍ତି ଦିଅ ନଚେତ ୫ହଜାର ଟଙ୍କା ଭତ୍ତା ଦେବା ପାଇଁ ସରକାରଙ୍କୁ ଦାବି କରିବା ନେଇ ଏକ ପ୍ରସ୍ତାବ ପାରିତ ହୋଇଛି। ଏହି ବୈଠକରେ ଯୁବସଂଘ ନେତା ନିରଞ୍ଜନ ନାୟକ, ସୁବାସ ନାୟକ, ବିଜୟ ଗୁମାନସିଂ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀନିବାସ ମାନସିଂ, ଭକ୍ତବତ୍ସଳ ମହାପାତ୍ର, ବୁଦ୍ଧ ବେହେରା, ଧନୀ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ପରିବର୍ତ୍ତନ ପାଇଁ ଯୁବଶକ୍ତିର ଜରୁରୀ ଆବଶ୍ୟକତା ଥିବାରୁ ସେମାନେ ଭଗତ ସିଂହ ଭଳି ନିର୍ଭୀକ ସ୍ୱାଧୀନଚେତା ସାହସୀ ହେବାପାଇଁ ବରିଷ୍ଠ ନେତା ବସନ୍ତ ସେଠୀ ଆହ୍ୱାନ ଦେବା ସହିତ ଧନ୍ୟବାଦ ଦେଇଥିଲେ।

# ପ୍ରଧାନଶିକ୍ଷକ ପ୍ରମୋଦଙ୍କୁ ଜୟୀ ରାଜଗୁରୁ ସେବା ସମ୍ମାନ

ବୋଲଗଡ,୧୧।୧୧(ଦେବବ୍ରତ ହୋତା)

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜାଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ସ୍ୱାଭିମାନର ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ମିଶ୍ର ଜୟୀ ରାଜଗୁରୁ ସେବା ସମ୍ମାନ-୨୦୨୪ରେ ସମ୍ମାନିତ କରିଥିଲେ। ଏହି ସମାରୋହରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।




# ବିଜେଡି ସଭ୍ୟ ସଂଗ୍ରହ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ବିଧାୟକ ପ୍ରଦୀପ ସାହୁ, ବିଜେଡି ନେତା ଏବଂ କର୍ମୀମାନେ।

ବେଗୁନିଆ,୧୧।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବିଜେଡିର ସଭ୍ୟ ସଂଗ୍ରହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବେଗୁନିଆ ବ୍ଲକର ବିଜେଡି କର୍ମୀ ଏବଂ ସମସ୍ତ ପଞ୍ଚାୟତର ଡିଜିଟାଲ ସ୍ୱେଚ୍ଛାସେବୀଙ୍କୁ ନେଇ ସଭ୍ୟ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ପ୍ରଶିକ୍ଷକଭାବେ ଯୋଗ ଦେଇ ଓ୍ୱାର୍ଡସ୍ତରରେ କିପରି ନୂତନ ସଦସ୍ୟତା ଅଭିଯାନ ସମ୍ପର୍କ ଆରମ୍ଭ କରିବେ ସେ ସମ୍ପର୍କରେ ଅବଗତ କରିଥିଲେ।

## ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ

# ଖୋର୍ଦ୍ଧା କ୍ରିକେଟ କ୍ଲବ ବିଜୟୀ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏଶନ ଅଫ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ଦିବସରେ ଖୋର୍ଦ୍ଧା କ୍ରିକେଟ କ୍ଲବ ବିଜୟୀ ହୋଇଛି। ସୋମବାର କେଟି ଗ୍ଲୋବାଲ କ୍ଲବ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କେଟି ଗ୍ଲୋବାଲ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ଓଭରରେ ୮ଉଇକେଟ ବିନିମୟରେ ୧୮୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତୁହିନାନ୍ସୁ ୫୩, ଓ୍ୱିସ୍ ଦତ୍ତ ୩୧ ଏବଂ ଇଭାନ କଳାପାହାଡ଼ ୨୨ରନ କରିଥିଲେ। ଖୋର୍ଦ୍ଧା କ୍ରିକେଟ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସୁମିତ୍ ମହାରଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ କ୍ଲବ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏମ୍.ସନ୍ତୋଷ ଦୋରା ଅପରାଜିତ ୧୧୩, ତାରିଣୀ ନାୟକ ଅପରାଜିତ ୩୯ରନ କରିଥିଲେ। କେଟି ଗ୍ଲୋବାଲ କ୍ରିକେଟ କ୍ଲବ ପକ୍ଷରୁ ବର୍କତୁଲାହ ଦୁଇଟି ଉଇକେଟ ନେଇଥିଲେ। ପ୍ରଦୀପ କୁମାର ଜେନା ଏବଂ ରହିମ ଖାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ରେଫରି ଭାବେ ରୋହିତ ସମୀର ବଳିୟାରସିଂହ ଏବଂ ସଂଯୋଜକଭାବେ ସୁଧୀର କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଜଟଣୀ କ୍ରିକେଟ ଏକାଡେମୀ ଏବଂ ରାଇଜିଂଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।


ମ୍ୟାଚ୍ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିମାନେ।

# ତୁଳସୀ ରଥକୁ ଖୋର୍ଦ୍ଧାରେ ଭବ୍ୟ ସ୍ୱାଗତ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

କାର୍ତ୍ତିକ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ ହୋଇଥାଏ। ମହାପ୍ରଭୁଙ୍କ ସୁନାବେଶରେ ଫୁଲ ତୁଳସୀ, ପଦ୍ମ, ଗେଣ୍ଡୁଫୁଲ ଲାଗି ନିମନ୍ତେ ସୁବର୍ଣ୍ଣପୁର ଜିଲା ଶ୍ରୀଜଗନ୍ନାଥ ସଂସ୍କୃତି ସମିତି ଗତ ୫ବର୍ଷ ହେବ ଫୁଲ, ତୁଳସୀ ଯୋଗାଇ ଆସୁଛନ୍ତି। ଏହି ଅବସରରେ ଅଁଳା ନବମୀରେ ସୁବର୍ଣ୍ଣପୁର ପାତାଳୀ କ୍ଷେତ୍ରଠାରୁ ବାହାରିଥିବା ତୁଳସୀ ରଥକୁ ଖୋର୍ଦ୍ଧା ଗୀତାଭବନଠାରେ ସୋମବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

ରବିବାର ଭୋର ସାଢେ ୫ଟାରେ ଏହି ରଥ ସୁବର୍ଣ୍ଣପୁର ପାତଳୀ କ୍ଷେତ୍ରଠାରୁ ଯାତ୍ରା ଆରମ୍ଭ କରି ଉଲୁଣ୍ଡା ଜଗନ୍ନାଥ ମନ୍ଦିର, ବିନିକା ଦୁର୍ଗା ମଣ୍ଡପ, ଜଗନ୍ନାଥ ମନ୍ଦିର, ବିଶିମୁଣ୍ଡା, ନାରାୟଣପୁର, ଖାରୀ, ସୋନପୁର ଦଧିବାବନ ମନ୍ଦିର, ମନମୁଣ୍ଡା, ବାଉଁଶୁଣୀ, ବୌଦ୍ଧ, ପୁରୁଣା କଟକ, ଦଶପଲ୍ଲା ଦେଇ ନୟାଗଡରେ ରାତ୍ରି ଯାପନ କରିଥିଲେ। ସୋମବାର ସକାଳ ୬ଟାରେ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁନଃ ଯାତ୍ରା ଆରମ୍ଭ କରି ଖୋର୍ଦ୍ଧା ଅଭିମୁଖେ ବାହାରିଥିଲେ। ଗୀତାଭବନଠାରେ ଶିକ୍ଷାବିତ୍ ଡ. ଧୀରେନ୍ଦ୍ର ନନ୍ଦ, ଗୀତାଭବନ ସମ୍ପାଦକ ତଥା ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ସାମାଜିକର୍ମୀ ବିମଳ ଷଡ଼ଙ୍ଗୀ, ରାଜୀବ ଲୋଚନ ଷଡ଼ଙ୍ଗୀ, ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ଇତିଶ୍ରୀ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଜଗନ୍ନାଥପ୍ରେମୀ ସ୍ୱାଗତ କରିଥିଲେ। ନାମ ସଂକୀର୍ତ୍ତନ, ମନ୍ତ୍ରଧ୍ୱନି ସହ ମହାପ୍ରଭୁଙ୍କ ମନ୍ତ୍ରୋଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ତୁଳସୀ ରଥକୁ ବିଦାୟ ଦେଇଥିଲେ। ଏହା ପରେ ରଥ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ସୁବର୍ଣ୍ଣପୁର ଜିଲା ଶ୍ରୀଜଗନ୍ନାଥ ସଂସ୍କୃତି ସମିତି ପକ୍ଷରୁ ବେଣୀମାଧବ ବେଦ୍‌ବାକ, ଚନ୍ଦ୍ରଶେଖର ଓତା, ପୂର୍ଣ୍ଣଚନ୍ଦ୍ର ପାଢୀ, ସୁରେଶ କୁମାର ମିଶ୍ର, ସଞ୍ଜୟ ମହାପାତ୍ର, ଗଦାଧର ବାରିକଙ୍କ ସମେତ ଏକ ୪୦ଜଣିଆ ଟିମ୍ ଏଥିରେ ସାମିଲ ହୋଇଛନ୍ତି। ଏନେଇ ଅନୁଷ୍ଠାନ ସଦସ୍ୟ ଚନ୍ଦ୍ରଶେଖର ଓତା କହିଛନ୍ତି, ଏହି ରଥ ୫ଟି ଜିଲା ପରିକ୍ରମା କରି ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କଠାରୁ ତୁଳସୀ ସଂଗ୍ରହ କରିଥାଏ। ଚଳିତବର୍ଷ ପ୍ରାୟ ୮୦ଖୁଡି ତୁଳସୀ ସଂଗ୍ରହ କରାଯାଇଛି। ସେହିପରି ସୁରେଶ କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଲୋକଙ୍କ ଭାବାବେଗ ଜଡିତ ରହିଛି। ସମସ୍ତଙ୍କ ଇଚ୍ଛା ରହିଥାଏ, କିପରି ମହାପ୍ରଭୁଙ୍କୁ ତୁଳସୀ ମାଳ ଲାଗି କରିବେ। ମହାପ୍ରଭୁଙ୍କ ସହ ଭକ୍ତଙ୍କ ଭକ୍ତିଭାବ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ପଶ୍ଚିମ ଓଡିଶା ଓ ପୂର୍ବ ଓଡ଼ିଶା ମଧ୍ୟରେ ସଂସ୍କୃତିର ଭାବ ଆଦାନ ପ୍ରଦାନ, ସମ୍ପର୍କକୁ ଯୋଡିବା ଉଦ୍ଦେଶ୍ୟ ରହିଛି।



## ପଞ୍ଚକ ପାଇଁ ଦର୍ଶନ ବ୍ୟବସ୍ଥା

# ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଯିବେ ଭକ୍ତ

■ବଡ଼ଦାଣ୍ଡରେ ବସିଥିବା ଉଠାଦୋକାନୀ ହଟିବେ

■ମୁତୟନ ହେବେ ୩୮ ପ୍ଲାଟୁନ୍ ପୋଲିସ ଫୋର୍ସ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)



ମଙ୍ଗଳବାର (୧୨ ତାରିଖ)ଠାରୁ ପଞ୍ଚକ ବ୍ରତ ଆରମ୍ଭ ହେବାକୁ ଯାଉଛି। ପଞ୍ଚକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ କରି ପଞ୍ଚକରେ ଶ୍ରୀମନ୍ଦିରରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳିବ। ମହାପ୍ରଭୁଙ୍କ ଦର୍ଶନ ସାରି ଭକ୍ତମାନେ ଅନ୍ୟ ୩ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପଞ୍ଚକ ଓ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସର୍କିଟ ହାଉସରେ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ୧୨ତାରିଖଠାରୁ ପଞ୍ଚକ ବ୍ରତ ଆରମ୍ଭ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏନେଇ ବିଭିନ୍ନ ବିଭାଗ ସହ ଆଲୋଚନା ହୋଇଛି। ଚଳିତ ବର୍ଷ ପଞ୍ଚକ ୪ଦିନ ପଡୁଛି। ତେଣୁ ଭକ୍ତଙ୍କ ପ୍ରବଳ ସମାଗମ ହେବାର ସମ୍ଭାବନା ରହିଛି। ଭକ୍ତଙ୍କ ସୁବିଧା ଦର୍ଶନ ନିମନ୍ତେ ଟାଉନ ଥାନା ନିକଟରୁ ଅସ୍ଥାୟୀ ବ୍ୟାରିକେଡ୍ କରାଯାଇଛି। ବ୍ୟାରିକେଡ୍ ମଧ୍ୟରେ ପିଇବା ପାଣି ଠାରୁ ଆରମ୍ଭ କରି ଆଲୋକ, ଫ୍ୟାନ୍ ବ୍ୟବସ୍ଥା ହୋଇଛି। ନୀତି ସମ୍ପର୍କରେ ସୂଚନା ଦେବା ନିମନ୍ତେ ଡିସପ୍ଲେ ଓ ମାଇକ ବ୍ୟବସ୍ଥା ହୋଇଛି। ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ପରେ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ସମସ୍ତ ତୀର୍ଥ ପୁଷ୍କରିଣୀ ଓ ସମୁଦ୍ରକୂଳରେ ଲାଇଫ୍‌ଗାର୍ଡ, ଅଗ୍ନିଶମ ବାହିନୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ପାଇଁ ଶ୍ରୀମନ୍ଦିର ପରିସରରେ ପୋଲିସ ଅଧିକାରୀମାନେ ନିୟୋଜିତ ରହିବେ। ପଞ୍ଚକରେ ବାହାର କାଠ ନିକଟରେ ଦର୍ଶନ ବ୍ୟବସ୍ଥା ହେବ। ହବିଷିଆଳିମାନେ ଯେପରି ସୁରୁଖୁରୁରେ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ବଡ଼ଦାଣ୍ଡରେ ବସିଥିବା ଉଠାଦୋକାନୀମାନଙ୍କୁ ଉଠାଯିବ। ଅପରପକ୍ଷରେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳିକୁ ଦୃଷ୍ଟିକୁ ରଖି ଧ୍ୱଜାବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ଶୀଘ୍ର ଧ୍ୱଜା ବନ୍ଧାଯାଉଛି। ସମସ୍ତ ବିଭାଗ ପରସ୍ପର ସହ ଆଲୋଚନା କରି ନିଜ ନିଜ କାର୍ଯ୍ୟକୁ ସୁଚାରୁ ରୂପେ କରିବା ନିମନ୍ତେ କୁହାଯାଇଛି। ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଏସ୍‌ପି ସୁନିଲ କୁମାର ମିଶ୍ର, ଉପଜିଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପଞ୍ଚକକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ବାହାରେ ଅଧିକ ସଂଖ୍ୟକ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିରରେ ୫ଜଣ ଅତିରିକ୍ତ ଏସ୍‌ପି, ୧୫ଜଣ ଡିଏସ୍‌ପି, ୨୬ ଜଣ ପୋଲିସ ଅଧିକାରୀ, ୩୮ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି ବୋଲି ଏସ୍‌ପି କହିଛନ୍ତି। ସେ ଏହି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସିଂହଦ୍ୱାର ଥାନା ଆଉଟପୋଷ୍ଟ ନିକଟରେ ହୋଇଥିବା ବ୍ୟବସ୍ଥା ବିଷୟରେ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ପଞ୍ଚକ ପାଇଁ କାର୍ତ୍ତିକ ବ୍ରତଧାରୀ ମହିଳାମାନେ କାଠଯୋଡି ନଦୀ ଶଯ୍ୟାରେ ରାଧା ଦାମୋଦର ପୂଜା କରୁଛନ୍ତି।

# ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଘଟଣା

କଟକ, ୧୧।୧୧(କାର୍ତ୍ତିକ ସାହୁ)

ଗଜପତି ଜିଲା ପାରଳାଖେମୁଣ୍ଡିର ଆଇନଜୀବୀ ପି. ରାମା ରାଓଙ୍କ ଉପରେ ଏସିଡ୍ ମାଡ଼ ଘଟଣାକୁ ନେଇ ରାଜ୍ୟ ଆଇନଜୀବୀ ପରିଷଦ ନିନ୍ଦା କରିଛି। ଏହି ଆଇନଜୀବୀଙ୍କ ପରିବାରକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଓ ଆଇନଜୀବୀଙ୍କ ସୁରକ୍ଷା ପାଇଁ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି। ଏହି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ପରିଷଦର କେତେଜଣ ସଦସ୍ୟଙ୍କୁ ନେଇ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି ବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏନେଇ ସୋମବାର ପରିଷଦ ପକ୍ଷରୁ କଟକ ଚାନ୍ଦିନୀଚୌକସ୍ଥିତ ପରିଷଦର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀ ରାମାରାଓଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦୃଢ ନିନ୍ଦା କରାଯାଇଥିଲା। ଏକ୍‌ଜିକ୍ୟୁଟିଭ କମିଟି ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ଆଇନଜୀବୀ ମାନସ କୁମାର ଚାନ୍ଦ, ପୀତବାସ ପଣ୍ଡା, ସଞ୍ଜିତ କୁମାର ପାଣିଗ୍ରାହୀ, ଆଇନଜୀବୀ ରମେଶ ପାତ୍ର, ଅକ୍ଷୟ କୁମାର ପତି ଏବଂ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟମାନେ ପାରଳାଖେମୁଣ୍ଡି ଯାଇ ଘଟଣାର ତଦନ୍ତ କରି ଏକ ରିପୋର୍ଟ ପସ୍ତୁତ କରିବାକୁ ଆଲୋଚନାରେ ପ୍ରସ୍ତାବ ପାରିତ ହୋଇଥିଲା।

# ଅଦିନିଆ ରଥଯାତ୍ରା ପାଇଁ ଇସ୍କନ କ୍ଷମା ମାଗୁ

## ଚେତାବନୀ ଦେଲା ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର, ୧୧।୧୧(ବନ୍ଦନା ସେଠୀ)

ପୁରୀ ଗଜପତି, ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଆବେଦନ ଓ ନିବେଦନକୁ ପ୍ରତ୍ୟାଖ୍ୟାନ କରିବା ସହ ଅଦିନରେ ରଥଯାତ୍ରା କରି ଇସ୍କନ କର୍ତ୍ତୃପକ୍ଷ କୋଟିକୋଟି ଓଡ଼ିଆଙ୍କ ଭାବାବେଗକୁ କୁଠାରାଘାତ କରିଛନ୍ତି। ନିତାଇ ଗୌର ସଙ୍କୀର୍ତ୍ତନ ଯାତ୍ରା ନାମରେ ଇସ୍କନ ପକ୍ଷରୁ ଆମେରିକାର ହ୍ୟୁଷ୍ଟନ୍ ସହରରେ ନଭେମ୍ବର ୯ରେ ରଥଯାତ୍ରା କରାଯାଇଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଜଳାଞ୍ଜଳି ଦେଇ ନିଜର ପ୍ରଚାର, ପ୍ରସାର ଏବଂ ବ୍ୟବସାୟ ପାଇଁ ଇସ୍କନ କରିଥିବା ଏହି ଅଦିନିଆ ରଥଯାତ୍ରା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଜାତିର ଅସ୍ମିତା ଉପରେ ଏକ ଚରମ ଆକ୍ରମଣ। ଏଥିପାଇଁ ଇସ୍କନ କର୍ତ୍ତୃପକ୍ଷ ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ ଦିବ୍ୟସିଂହ ଦେବ, ଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ସମେତ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଏନେଇ ସୋମବାର ପରିଷଦ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ମାଧ୍ୟମରେ ଦାବି ସହ ଚେତାବନୀ ଦିଆଯାଇଛି। ପରିଷଦ ଆବାହକ ରବି ବେହେରା କହିଛନ୍ତି, ଯଦି ଏହି ଦାବିକୁ ଅଣଦେଖା କରାଯାଏ କିମ୍ବା ଇସ୍କନ କର୍ତ୍ତୃପକ୍ଷ ଏନେଇ କ୍ଷମା ନ ମାଗନ୍ତି, ତେବେ ଇସ୍କନକୁ ଓଡ଼ିଶା ମାଟିରେ ନିଷିଦ୍ଧ କରାଯିବ। ଏଥିସହ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ଓ ତାଙ୍କ ସଂସ୍କୃତିର ପରିଚୟ ପାଇଁ ଓଡ଼ିଆ ଜାତି ପ୍ରତିଶ୍ରୁତିବଦ୍ଧ ହୋଇ ଅଦିନିଆ ରଥଯାତ୍ରା ବିରୋଧରେ ଏକାଠି ହୋଇ ପ୍ରତିବାଦ କରିବାକୁ ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ଦାବି କରାଯାଇଛି। ବିକ୍ଷୋଭରେ ପରିଷଦ ପକ୍ଷରୁ ନାରାୟଣ ଡାଲୁଆ, ନାରୀନେତ୍ରୀ ସ୍ୱୟଂପ୍ରଭା ସାହୁ, ସାବିତ୍ରୀ ବେହେରା, ଯୁବନେତା ରାଜ୍ୟପ୍ରିୟ ଦାସ, ସ୍ୱଦେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆବଶ୍ୟକ ହେଲେ ଆଗାମୀ ଦିନରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ବିଧାନସଭା ସମ୍ମୁଖରେ ଗଣଅନଶନ କରାଯିବ ବୋଲି ବେହେରା କହିଛନ୍ତି।




ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନୂଆ ଘରୁ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୧୧।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟ ଏକ ନୂଆ ଘରୁ କୋଣାର୍କ ପୋଲିସ ସୋମବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମର ପ୍ରଦୀପ ମହାପାତ୍ର (୪୯)। ଏନେଇ ପୋଲିସ ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରଦୀପ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। କୌଣସି କାରଣରୁ ରବିବାର ବିଳମ୍ବିତ ରାତିରେ ଘର ଭିତରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଚାଳିଛକ ପଠାଇଥିଲା।

# ଜମି କିଣାଇଦେବା ନାଁରେ ୧୨ ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର,୧୧।୧୧(ସୂର୍ଯ୍ୟକାନ୍ତ ବେହେରା)

ମଙ୍ଗଳାଘାଟ ଥାନା ଅନ୍ତର୍ଗତ ଗାଡକଣ ଅଞ୍ଚଳରେ ଜମି କିଣାଇ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକିନେବା ସହ ନକଲି ଜମି ପଟ୍ଟା ଦେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କଟକ ଜଗତପୁର ଅଞ୍ଚଳର ଜଗବନ୍ଧୁ ନାଥ ଓରଫ ବେଗୁଲି ଏବଂ ଅନ୍ୟ ଜଣେ ହେଲେ କଟକ ମଙ୍ଗଳାବାଗ ଅଞ୍ଚଳରେ ରହୁଥିବା ଢେଙ୍କାନାଳର ସୁରେଶ କୁମାର ନାଥ। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବିନାରାୟଣ ମିଶ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିଛି।

# ଆନ୍ଧ୍ରପ୍ରଦେଶରୁ ମିଳିଲା ଗଙ୍ଗବଂଶ ରାଜୁତି ସମୟର ଶିଳାଲେଖ

## ଆନକାପାଲେ ଅଞ୍ଚଳ କଳିଙ୍ଗରେ ଅନ୍ତର୍ଭୁକ୍ତ ଥିବା ଦାବିକଲା ଇନ୍‌ଟାକ୍

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ଆନ୍ଧ୍ରପ୍ରଦେଶ ଆନକାପାଲେ ଜିଲା ଅନ୍ତର୍ଗତ ଅଚ୍ୟୁତପୁରମ୍ ମଣ୍ଡଳ ମାଡୁଥୁରୁ ଗ୍ରାମରୁ ଗଙ୍ଗବଂଶ ରାଜୁତି ସମୟର ଶିଳାଲେଖ ମିଳିଛି। ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲଚରାଲ୍ ହେରିଟେଜ୍ (ଇନ୍‌ଟାକ) ପକ୍ଷରୁ ଚାଲିଥିବା ଆନ୍ଧ୍ରପ୍ରଦେଶରେ କଳିଙ୍ଗ ଐତିହ୍ୟର ଦସ୍ତାବେଜୀକରଣ ପ୍ରକଳ୍ପରେ ଏହି ଅଭିଲେଖ ନଜରକୁ ଆସିଛି। ଏହା ଚୋଡେଶ୍ୱର ମନ୍ଦିର କାନ୍ଥରେ ରହିଛି। ଏହି ଅନୁସନ୍ଧାନରେ ଇନ୍‌ଟାକ୍‌ର ପ୍ରକଳ୍ପ ସଂଯୋଜକ ଦୀପକ କୁମାର ନାୟକ, ସଦସ୍ୟ ସୁମନ ପ୍ରକାଶ ସ୍ୱାଇଁ ତଥା ଲିପିତତ୍ତ୍ୱବିତ୍ ବିଷ୍ଣୁ ମୋହନ ଅଧିକାରୀ ସାମିଲ ଅଛନ୍ତି। ଶିଳାଲେଖ ସମ୍ପର୍କରେ ଅଧିକ ତଥ୍ୟ ଦେଇ ବିଷ୍ଣୁ ମୋହନ କହିଛନ୍ତି, ତେଲୁଗୁ ଭାଷା ଓ ଲିପିରେ ଲିଖିତ ଏହି ଶିଳାଲେଖରୁ ଗଙ୍ଗବଂଶୀୟ ରାଜା ତୃତୀୟ ରାଜରାଜ ଦେବଙ୍କ ରାଜୁତି ସମୟରେ ଏହି ଚୋଡ଼େଶ୍ୱର ମନ୍ଦିରର ନିର୍ମାଣ ହୋଇଥିବା ଜଣାପଡୁଛି। ପ୍ରୋଲିସେଟ୍ଟି, ପୋତିସେଟ୍ଟି ଓ ଭାମିସେଟ୍ଟି ନାମଧାରୀ ତିନି ଭ୍ରାତା ମନ୍ଦିରର ନିର୍ମାଣ କରିବା ସହ ମନ୍ଦିର ପାଇଁ ଭୂମିଦାନ କରିଥିଲେ। ଏତଦ୍‌ବ୍ୟତୀତ ମନ୍ଦିରରେ ଅଖଣ୍ଡଦୀପ ଜଳାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ତିନି ଭ୍ରାତା ସିଓାମ୍ମା ସେଟ୍ଟିଙ୍କ ପୁତ୍ର ଥିଲେ। ଅଭିଲେଖଟିର ପ୍ରାରମ୍ଭରେ ଗଙ୍ଗ ରାଜବଂଶର ପ୍ରତୀକ ଚିହ୍ନ ଏକ ବୃଷଭର ଚିତ୍ର ଖୋଦିତ ହୋଇଛି। ପ୍ରକଳ୍ପ ସଂଯୋଜକ ଦୀପକ କହିଛନ୍ତି, ଏହି ଦାନ ତୃତୀୟ ରାଜରାଜ ଦେବଙ୍କ ରାଜୁତିର ପ୍ରଥମ ଅଙ୍କରେ ପ୍ରଦାନ କରାଯାଇଥିଲା। ଏହା ୧୧୯୭/୯୮ ଖ୍ରୀଷ୍ଟାବ୍ଦ ସମୟ ବୋଲି ଅଭିଲେଖରୁ ଜଣାପଡିଛି। ରାଜରାଜ ଥିଲେ ମହାନ ଗଙ୍ଗସମ୍ରାଟ ଅନନ୍ତବର୍ମନ ଚୋଡ଼ଗଙ୍ଗଦେବଙ୍କ ପୌତ୍ର। ଏହି ତୃତୀୟ ରାଜରାଜ ଦେବଙ୍କ ଏକ ତାମ୍ରଶାସନ ଓଡ଼ିଶାର ପୁରୀ ଜିଲା ଚନ୍ଦନପୁର ତହସିଲ୍ ଅନ୍ତର୍ଗତ ଦାଶଗୋବା ଗ୍ରାମରୁ ପ୍ରାପ୍ତ ହୋଇଥିଲା। ସେହି ତାମ୍ରଶାସନ ଆଧାରରେ ଏହା ସ୍ପଷ୍ଟ ଯେ, ପୁରୀର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ପୁନଃନିର୍ମାଣ ଚୋଡ଼ଗଙ୍ଗଦେବଙ୍କ ସମୟରେ ହୋଇଥିଲା। ତେଣୁ ନିଜ ପିତାମହ ଚୋଡ଼ଗଙ୍ଗଦେବଙ୍କ ସମ୍ମାନରେ ମାଡୁଥୁରୁ ଶିବାଳୟର ନାମକରଣ ‘ଚୋଡେଶ୍ୱର’ ହୋଇଥିବା ଅନୁମାନ କରାଯାଉଛି। ସେ ସମୟରେ କଳିଙ୍ଗ ରାଜ୍ୟର ସୀମା ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଆଜିର ଆନ୍ଧ୍ରପ୍ରଦେଶର ଆନକାପାଲେ ଅଞ୍ଚଳ ମଧ୍ୟ କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା ବୋଲି ଦୀପକ ସୂଚନା ଦେଇଛନ୍ତି।



ଇନ୍‌ଟାକ ଟିମ୍ ଚୋଡେଶ୍ୱର ମନ୍ଦିରରେ ଶିଳାଲେଖ ଠାବ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀମା



@ ଆଶୀର୍ବାଦ



@ ସୁଦୀପ୍ତ



@ ଶାଶ୍ୱତ



@ ଅଶୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱତନ୍ତ୍ର ଟ୍ରେନରେ ଯାତ୍ରା କଲେ ୬୫ଲକ୍ଷ ଯାତ୍ରୀ

ଭୁବନେଶ୍ୱର,୧୧।୧୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ୨୦୨୪ ପାର୍ବଣ ଋତୁରେ ଗତବର୍ଷଠାରୁ ୩୨୦୦ ଅଧିକ ଅର୍ଥାତ୍ ୭୭୦୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯାଇଛି। ଅକ୍ଟୋବର ୧ରୁ ନଭେମ୍ବର ୫ ମଧ୍ୟରେ ଏଥିରେ ପ୍ରାୟ ୬୫ ଲକ୍ଷ ଯାତ୍ରୀ ଯାତାୟାତ କରିଛନ୍ତି। ପ୍ରାୟ ୭.୫ କୋଟି ଯାତ୍ରୀ ବିହାର, ପୂର୍ବ ଉତ୍ତରପ୍ରଦେଶ ଏବଂ ଝାଡଖଣ୍ଡ ଭଳି ପ୍ରମୁଖ ଅଞ୍ଚଳକୁ ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ଯାତାୟାତ କରିଛନ୍ତି। ଏ କ୍ଷେତ୍ରରେ ପୂର୍ବତଟ ରେଳପଥ ମଧ୍ୟ ସଫଳତା ହାସଲ କରିଛି। ଅଧୀନରେ ଅକ୍ଟୋବର ୧ରୁ ନଭେମ୍ବର ୧୦ ମଧ୍ୟରେ ୨୨୦ଟି ସ୍ୱତନ୍ତ୍ର ଟ୍ରେନ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବାହାରି ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ୨୧୯ଟି ସ୍ୱତନ୍ତ୍ର ଟ୍ରେନ ପୂର୍ବତଟ ରେଳପଥ ପରିସୀମାରେ ଏହାର ଗନ୍ତବ୍ୟ ଶେଷ କରିଥିବାବେଳେ ୨୧୮ ବିଶେଷ ଟ୍ରେନ ଦେଶର ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିବାବେଳେ ପୂର୍ବତଟ ରେଳପଥ ମଧ୍ୟରେ ଥିବା ପ୍ରମୁଖ ଷ୍ଟେଶନଗୁଡିକରେ ରହଣି କରିଥିଲା। ମୋଟାମୋଟି ଭାବେ ପୂର୍ବତଟ ରେଳପଥ ଦ୍ୱାରା ୬୫୭ଟି ସ୍ୱତନ୍ତ୍ର ଟ୍ରେନକୁ ପରିଚାଳନା କରାଯାଇଥିବାବେଳେ ସ୍ୱତନ୍ତ୍ର ଟ୍ରେନ ଦ୍ୱାରା ୩.୩୩ ଲକ୍ଷରୁ ଅଧିକ ଯାତ୍ରୀ ପରିବହନ ହୋଇଛି। ଯାତ୍ରୀଙ୍କ ସୁରକ୍ଷା, ଆରାମଦାୟକ ଯାତ୍ରା ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବାକୁ ବର୍ଦ୍ଧିତ ଟିକେଟ ସୁବିଧା ସହ ଉଭୟ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଅଞ୍ଚଳରେ ଭିଡ଼ ଏଡ଼ାଇବା ପାଇଁ ଧାଡି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ରେଳ ସୁରକ୍ଷା ବଳ (ଆରପିଏଫ୍) ସମେତ ସୁରକ୍ଷା କର୍ମୀଙ୍କ ଦ୍ୱାରା ଶୃଙ୍ଖଳା ବଜାୟ ରଖିବା, ଉନ୍ନତ ବୋର୍ଡିଂ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

